# ତେଲକୋଇରେ ଗଡ଼ିଲା ଲକ୍ଷ୍ମୀ ବସ୍



**ତେଲକୋଇ,୨୩।୨(ସମିସ):** କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକରେ ଗଡ଼ିଛି ଲକ୍ଷ୍ମୀ ବସ୍। ପ୍ରଥମ ପର୍ଯ୍ୟାୟରେ ୪ଟି ବସ୍ ବିଭିନ୍ନ ରୁଟ୍ ଦେଇ ଗତି କରିଛି। ତେଲକୋଇରୁ ସକାଳ ୬ଟାରୁ ଖୁଣ୍ଟାପଡା- ଦୁର୍ଲ୍ଲଭପୁର- ବାଲେଶ୍ୱର- ଭୀମକାଣ୍ଡ -ଆକୁଳ -ଶିରିଗିଡ଼ା- ବିମଳ, ତେଲକୋଇ- ଖୁଣ୍ଟାପଡା- ପଡ଼ାଙ୍ଗ- କୃଷ୍ଣପୁର- କରମଙ୍ଗି-ସିନ୍ଦୁରିଆ- ପାଟଖଳି- ରାଇସୁଆଁ, ତେଲକୋଇ- ପଡାଙ୍ଗ- ବାଲିଯୋଡି- ପୁରୁଯୋଡ଼ା -ବେଣାମୁଣ୍ଡା- କାଳିଆହତା, ତେଲକୋଇ- ମଧୁସୂଦନପୁର- ଗୁଣ୍ଡୁରୀଯୋଡା-ବେତଖୋଲି- ଶିମିଳିପାଳ- ତାଳପଦା- ପଙ୍ଗାକୁ ପ୍ରଥମ ପର୍ଯ୍ୟାୟରେ ଏହି ବସ୍ ଗୁଡ଼ିକ ଯାତ୍ରୀଙ୍କୁ ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ସେବା ଯୋଗାଇବେ। ମହିଳା ଓ କଲେଜ ଛାତ୍ରୀ ମାତ୍ର ୫ଟଙ୍କା ଦେଇ ବସ୍ ସେବା ପାଇପାରିବେ। ଦ୍ୱିତୀୟ ପର୍ଯ୍ୟାୟରେ ଆଉ ୩ଟି ବସ୍ ତେଲକୋଇ-ଛାମୁଣ୍ଡା-ଗୋଳାବନ୍ଧ- ଜଗମୋହନପୁର, ତେଲକୋଇ-କତରାପାଲି-ଜଟ-ସଲେଇକେନା-ଜଗମୋହନପୁର, ତେଲକୋଇ-ନୂଆଗଡ-ଦେଉଳଡିହା-ଉଦୟଗିରି-କରଦାଙ୍ଗିକୁ ଯିବା ଆସିବା କରିବ। ଆଜି ତେଲକୋଇ ବସ୍ ଷ୍ଟାଣ୍ଡରେ ବିଡିଓ ଗୀତା ମୁର୍ମୁ, ତହସିଲଦାର ଅନୁପମା ମୁର୍ମୁ, ବ୍ଲକ ଅଧ୍ୟକ୍ଷ ବିକ୍ରମ ନାୟକ, ସମିତିସଭ୍ୟ ଅନନ୍ତ ଚରଣ ବେହେରା, ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ଧନୁର୍ଜୟ ସିଦ୍ଧୁ, ବ୍ଲକ ବିଜେଡି ସଭାପତି ସନ୍ତୋଷ କୁମାର ବିଶ୍ୱାଳ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବିଭିନ୍ନ ମିଶନ ଶକ୍ତି ମହିଳାଙ୍କ ସହିତ ବସ୍‌ରେ ଯାତ୍ରା କରିଥିଲେ।

### ଆନନ୍ଦପୁର ଉଦ୍ୟାନ ଅଧିକାରୀ ବେଫିକର

# ଲତାଗୁଳ୍ମରେ ଲୁଚି ଗଲାଣି ବିଭାଗୀୟ କାର୍ଯ୍ୟାଳୟ

**ଆନନ୍ଦପୁର,୨୩।୨(ସମିସ)**



ଆନନ୍ଦପୁର ଉପଜିଲ୍ଲାପାଳଙ୍କ ସରକାରୀ ଆବାସିକ କାର୍ଯ୍ୟାଳୟ ନିକଟରେ ନୂତନ ଭାବେ ନିର୍ମାଣ କରାଯାଇଥିବା ସହକାରୀ ଉଦ୍ୟାନ ଅଧିକାରୀଙ୍କ କାର୍ଯ୍ୟାଳୟ ବ୍ୟବହାର ହେଉନଥିବାରୁ ଅନାବନା ଗଛ ଓ ଲତାଗୁଳ୍ମରେ ଢାଙ୍କି ହୋଇପଡିଲାଣି। ଏଠାରେ ଥିବା ବହୁ ପୁରାତନ ଆଜ୍‌ବେଷ୍ଟସ ଘର ଜରାଜୀର୍ଣ୍ଣ ହୋଇପଡିବାରୁ ଏଠାରେ ଏକ ନୂତନ କାର୍ଯ୍ୟାଳୟ ଗୃହର ପରିକଳ୍ପନା କରାଯାଇ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଥିଲା। ଏଥିପାଇଁ ସରକାର ଆବଶ୍ୟକୀୟ ଅନୁଦାନ ଯୋଗାଇ ଦେବା ପରେ ପୁରୁଣା ଘରକୁ ଭଙ୍ଗାଯାଇ ଏକ ନୂତନ କାର୍ଯ୍ୟାଳୟ ଗୃହ ନିର୍ମାଣ କରାଯାଇଥିଲା। ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବାର ୩ ବର୍ଷ ବିତି ଯାଇଥିଲେ ମଧ୍ୟ ଏହି ନୂତନ କାର୍ଯ୍ୟାଳୟ ଗୃହରେ ତାଲା ପଡି ରହିଥିବା ଚିନ୍ତାର କାରଣ ହୋଇଛି। ଏହି ନୂତନ ଗୃହକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରାଯାଇନଥିବା ବେଳେ ବିଭାଗୀୟ କର୍ମଚାରୀମାନେ ଏହି କାର୍ଯ୍ୟାଳୟ ଦିନକ ପାଇଁ ମଧ୍ୟ ଖୋଲିନଥିବା ଚିନ୍ତାର କାରଣ ହୋଇଛି। ବ୍ୟବହାର ଅଭାବରୁ ଏହି ନୂତନ କାର୍ଯ୍ୟାଳୟ ଗୃହ ଲତା ଗୁଳ୍ମରେ ଢାଙ୍କି ହୋଇ ପଡିଥିବା ବେଳେ ଏହାର ଚତୁଃପାଶ୍ୱର୍ରେ ଅନାବନା ଗଛ ବଢିଯାଇ ଏକ ଜଙ୍ଗଲର ଭ୍ରମ ସୃଷ୍ଟି କଲାଣି। ସରକାର ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମାଣ କରିଥିବା ଏହି ନୂତନ କାର୍ଯ୍ୟାଳୟ ଦୟନୀୟ ଅବସ୍ଥାରେ ପଡି ରହିଥିଲେ ମଧ୍ୟ ଆନନ୍ଦପୁର ଉଦ୍ୟାନ ବିଭାଗ ଅଧିକାରୀ ଏହାର ସୁରକ୍ଷା ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରୁନଥିବାରୁ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି।

# ଗାଡ଼ି ଚାପାରେ ଯୁବକ ମୃତ

**ତେଲକୋଇ,୨୩।୨(ସମିସ):** ଗୁରୁବାର ବିଳମ୍ବିତ ରାତିରେ ଅଜଣା ଗାଡ଼ି ଚାପାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ କେନ୍ଦୁଝର ସଦର ବ୍ଲକର ଦନର୍ଦାନପୁର ଗାଁର ଶ୍ରୀକାନ୍ତ ଦେହୁରୀଙ୍କ ପୁଅ ବାବୁଲି ଦେହୁରୀ (୨୮)। ଜଗମୋହନପୁର ଗାଁରେ ବିଶିରି ଓଷା ଚାଲିଥିବା ବେଳେ ଓଷା ଦେଖିବାକୁ ସେ ଆସିଥିଲେ। ଗୁରୁବାର ବିଳମ୍ବିତ ରାତି ପ୍ରାୟ ୨ଟା ବେଳେ ଚୋରା ବାଲି ବୋଝେଇ ହାଇୱା ବାବୁଲିଙ୍କୁ ଚାପି ଦେଇ ଚାଲିଯାଇଥିବା ସନ୍ଦେହ କରାଯାଉଛି। ଫଳରେ ବାବୁଲିଙ୍କ ଶରୀର ଖଣ୍ଡବିଖଣ୍ଡିତ ହୋଇଯାଇଛି। ଖବର ପାଇ ତେଲକୋଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ଶବକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ମେଡିକାଲକୁ ପଠାଇଛି।

# ମାଆ ଭତ୍ତା ଟଙ୍କା ନଦେବାରୁ ଯୁବକଙ୍କ ଆତ୍ମହତ୍ୟା

**ଡୁରୁମୁଙ୍ଗା,୨୩।୨(ସମିସ):**କେନ୍ଦୁଝର ଜିଲ୍ଲା ବାରିଆ ଥାନା ଷଡ଼ଙ୍ଗୀ ଗ୍ରାମରେ ୫୦୦ ଟଙ୍କା ପାଇଁ ଜଣେ ଯୁବକ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ଗ୍ରାମର ରମାକାନ୍ତ ନାଏକଙ୍କ ପୁଅ ଗବୁ ନାଏକ (୨୨)। ସୂଚନା ଅନୁସାରେ ଗବୁ ମା'ଙ୍କ ଭତ୍ତା ଟଙ୍କାରୁ ୫୦୦ ଟଙ୍କା ମାଗିଥିଲେ। ମାଆ ଟଙ୍କା ନଦେବାରୁ ମାନସିକ ଭାରସାମ୍ୟ ହରାଇ ଘର ଠାରୁ କିଛି ଦୂରରେ ଥିବା ଏକ ତେନ୍ତୁଳି ଗଛରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତଦେହକୁ ଝୁଲନ୍ତା ଅବସ୍ଥାରେ ଦେଖି ସ୍ଥାନୀୟ ଲୋକେ ପୁଲିସକୁ ଖବର ଦେଇଥିଲେ। ଖବର ପାଇ ଘଟଣାସ୍ଥଳରେ ବାରିଆ ପୁଲିସ ପହଞ୍ଚି ଥିଲେ ମଧ୍ୟ ଶବକୁ ଜବତ ନ କରି ବ୍ୟବଚ୍ଛେଦ ମଧ୍ୟ କରି ନଥିବା ଜଣା ପଡଛି। ପରିବାର ଲୋକଙ୍କ ପକ୍ଷରୁ ଶବ ସତ୍କାର କରାଯାଇଥିବା ଜଣାପଡ଼ିଛି।

# ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମ ଉଦ୍‌ଘାଟିତ



**ବଡ଼ବିଲ,୨୩।୨(ସମିସ):** ବଡ଼ବିଲ ପୌରାଞ୍ଚଳ ଅନ୍ତର୍ଗତ ୧୫ନଂ ୱାର୍ଡ ଠାରେ ଆଜି ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ବହୁମୁଖୀ ଇନଡୋର ଷ୍ଟାଡିୟମ ଅଭାସୀ ମାଧ୍ୟମରେ ଉଦଘାଟିତ ହୋଇଯାଇଛି। ନବନିର୍ମିତ ଇନଡୋର ଷ୍ଟାଡିୟମ ପରିସରରେ ଅନୁଷ୍ଠିତ ଏକି କାର୍ଯ୍ୟକ୍ରମରେ ପୌରାଧ୍ୟକ୍ଷ ଲକ୍ଷ୍ମଣ ମହାନ୍ତ, ଉପାଧ୍ୟକ୍ଷ ସରସ୍ୱତୀ ନାୟକ, କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱଜିତ ରାୟ, ୧୩ଟି ୱାର୍ଡର ସମସ୍ତ କାଉନସିଲର, ପୂର୍ତ୍ତ ବିଭାଗ ଉପଖଣ୍ଡ ଅଧିକାରୀ ଅଶୋକ ମହାପାତ୍ର, ଜିଲ୍ଲା କ୍ରୀଡା ଅଧିକାରୀ ଜିତେନ୍ଦ୍ର ମହାକୁଡ଼, ଡିଏମ୍‌ଏଫ ସଦସ୍ୟା ବବିରାଣୀ ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ।

# ଜଙ୍ଗଲ ନିଆଁ ନିରାକରଣ ବୈଠକ

**ଆନନ୍ଦପୁର,୨୩।୨(ସମିସ):** ଆନନ୍ଦପୁର ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଜଙ୍ଗଲ ନିଆଁ ନିରାକରଣ ନିମନ୍ତେ ବନାଞ୍ଚଳସ୍ତରୀୟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆନନ୍ଦପୁର ବନ୍ୟପ୍ରାଣୀ ବନଖଣ୍ଡ ପକ୍ଷରୁ ଆୟୋଜିତ ଏହି ସମନ୍ୱୟ ବୈଠକରେ ବିଭିନ୍ନ ସ୍ଥାନରୁ ୪୬ଟି ବନସଂରକ୍ଷଣ ସମିତି ଓ ସ୍ୱୟଂ ସହାୟିକା ଗୋଷ୍ଠୀର କର୍ମକର୍ତ୍ତା ସଦସ୍ୟ ଏବଂ ସ୍ଥାନୀୟ ବନବାସୀମାନେ ଯୋଗ ଦେଇଥିଲେ। ଆନନ୍ଦପୁର ରେଞ୍ଜର ନବକୁମାର ନାୟକଙ୍କ ସଂଯୋଜନାରେ ଆୟୋଜିତ ଏହି ବୈଠକରେ ବନପାଳ ମଳୟ କୁମାର ସାହୁ ବୈଠକର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ଆନନ୍ଦପୁର ଡିଏଫଓ ଅଭୟ କୁମାର ଦଲେଇ ଯୋଗ ଦେଇ ପ୍ରକୃତି ଓ ପରିବେଶର ସୁରକ୍ଷା ସହିତ ଜଙ୍ଗଲ ଓ ବନ୍ୟପ୍ରାଣୀ ସୁରକ୍ଷିତ ନ ରହିଲେ ପ୍ରକୃତି ଭାରସାମ୍ୟ ହରାଇ ବସିବ ବୋଲି ମତବ୍ୟକ୍ତ କରିଥିଲେ। ଏହି ସଭାରେ ଏସିଏଫ୍ ବିବେକ ଦାଶ, ଜିଲାପରିଷଦ ସଦସ୍ୟ ସଂଜୟ କୁମାର ସ୍ୱାଇଁ, ଟୁନି ରଣା, କୋଡପଡା ପଞ୍ଚାୟତ ସମିତିସଭ୍ୟା ମମତାବାଳା ତ୍ରିପାଠୀ ଯୋଗ ଦେଇଥିଲେ। ବନପାଳ ଅନନ୍ତ ଚରଣ ପରିଡା ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବନପାଳ ଅନାଦି ବାରିକ, ଲକ୍ଷ୍ମୀଧର କିସ୍କୁ ଓ ଫରେଷ୍ଟ ଗାର୍ଡ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ନିତାଇଗୌର ଆଶ୍ରମରେ ଅଷ୍ଟପ୍ରହରୀ ନାମଯଜ୍ଞ

**ବେଲବାହାଳି,୨୩।୨(ସମିସ):** ଆନନ୍ଦପୁର ବ୍ଲକ ଅନ୍ତର୍ଗତ ବେଲବାହାଳି ଗ୍ରାମରେ ଶ୍ରୀଶ୍ରୀ ନିତାଇଗୌର ଆଶ୍ରମରେ ବାର୍ଷିକ ଉତ୍ସବ ଉପଲକ୍ଷେ ପରମ ଆରାଧ ବାଞ୍ଛା କଳ୍ପତରୁ ଗୌର କୃଷ୍ଣଙ୍କର ଅଷ୍ଟପ୍ରହରୀ ଓ ନାମଯଜ୍ଞ ମହାସମାରୋହରେ ପାଳନ କରାଯାଇଛି। ବାବା ଅଚ୍ୟୁତନନ୍ଦଙ୍କ ତତ୍ତ୍ୱାଧାନରେ ଉକ୍ତ ଅଷ୍ଟପ୍ରହରୀରେ ପୂଜକ କୁଞ୍ଜବିହାରୀ ଦାସ, ଉଦୟାନନ୍ଦ ପର୍ବତ ପ୍ରମୁଖ ମହାଯଜ୍ଞ ପୂଜା କରିଛନ୍ତି। କୁସେଇ ନଦୀରୁ କଳସ ବୁଡାଇ ଗ୍ରାମ ପରିକ୍ରମା କରି ମଣ୍ଡଳ ନିକଟରେ କଳସ ଘଟସ୍ଥାପନ କରି ନାମ ସଂକୀର୍ତ୍ତନ ଓ ନାମଯଜ୍ଞ ଆରମ୍ଭ ହୋଇଥିଲା। ଏଥିରେ ୧୫ରୁ ଊର୍ଦ୍ଧ୍ୱ କୀର୍ତ୍ତନ ମଣ୍ଡଳୀ ନାମସଂକୀର୍ତ୍ତନରେ ଭାଗ ନେଇଥିଲେ। ସନ୍ଧ୍ୟାରେ ଆଖପାଖ ଅଞ୍ଚଳ ବେଲବାହାଳି, ଟୋଲଙ୍କପଡା, ଡିହସାହି, ବାରିଗାଁ, ହସନପୁର, ବେଉସାହି, ଅତାସାହି, ପଦ୍ମପୁର ଆଦି କୀର୍ତ୍ତନ ମଣ୍ଡଳୀ ଯୋଗଦେଇଥିଲେ। ଏହି ଅବସରରେ ଅଞ୍ଚଳର ୬୪ ଜଣ ମହିଳା ଅନନ୍ତମୁଖୀ ଭାଗବତ ପାଠୋତ୍ସବ ହରିହାଟ ସହ ମହା ମୃତ୍ୟୁଞ୍ଜୟ ମନ୍ତ୍ର ଜପ କରିଛନ୍ତି। ଏଥିରେ ଆଶ୍ରମର ସମସ୍ତ ଭକ୍ତମାନେ ଉପସ୍ଥିତ ରହି ସମ୍ପୂର୍ଣ୍ଣ ଦାୟୀତ୍ୱ ନେବା ସହ ଶାନ୍ତି ଶୃଙ୍ଖଳା ରକ୍ଷା କରିଛନ୍ତି।

# ପଞ୍ଚାୟତ ସମିତି ପକ୍ଷରୁ ବିଧାୟକଙ୍କୁ ବିଦାୟ ସମ୍ବର୍ଦ୍ଧନା

**ସୋସୋ,୨୩।୨(ସମିସ):** ହାଟଡିହୀ ପଞ୍ଚାୟତ ସମିତି ପକ୍ଷରୁ ବିଧାୟକ ଭାଗିରଥି ସେଠୀଙ୍କୁ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୌମ୍ୟଶ୍ରୀ ପାଣିଗ୍ରାହୀ ନେତୃତ୍ୱରେ ବ୍ଲକ



ଅଧ୍ୟକ୍ଷା ସାବିତ୍ରୀ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲ୍ଲାପରିଷଦ ଉପାଧ୍ୟକ୍ଷ ସୋମନାଥ ଦାସ, ଜିଲ୍ଲାପରିଷଦ ସଦସ୍ୟ ବିମ୍ବାଧର ବିଶ୍ୱାଳ, ସଦସ୍ୟା କୌଶଲ୍ୟା ସେଠୀ, ତହସିଲଦାର ହାବିଲ ଖାଖା, ବ୍ଲକ ଉପାଧ୍ୟକ୍ଷ ରତିକାନ୍ତ ରାଉତ, ବିଧାୟକ ପ୍ରତିନିଧି ସଶାଙ୍ଗଧର ପୁହାଣ, ବ୍ଲକର ସମସ୍ତ ସଭ୍ୟସଭ୍ୟା ଓ ସରପଞ୍ଚଙ୍କ ଉପସ୍ଥିତିରେ ବିଧାୟକ ଭାଗୀରଥି ସେଠୀଙ୍କୁ ବିଦାୟକାଳିନ ସମ୍ବର୍ଦ୍ଧନା ପ୍ରଦାନ କରଯାଇଥିଲା। ବିଧାୟକଙ୍କର କାର୍ଯ୍ୟକାଳ ଶେଷ ହେବାକୁ ଯାଉଥିବାରୁ ସମିତି ପକ୍ଷରୁ ଉପଢୌକନ, ମାନପତ୍ର ଓ ପୁଷ୍ପଗୁଚ୍ଛ ଦେଇ ବିଦାୟ ପ୍ରଦାନ କରାଯାଇଛି।

# ହାଟଡିହୀ ପଞ୍ଚାୟତ ସମିତି ବୈଠକ



**ସୋସୋ,୨୩।୨(ସମିସ):** ହାଟଡିହୀ ବ୍ଲକର ପଞ୍ଚାୟତ ସମିତି ବୈଠକ ଅଧ୍ୟକ୍ଷା ସାବିତ୍ରୀ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୌମ୍ୟଶ୍ରୀ ପାଣିଗ୍ରାହୀ, ଜିଲ୍ଲାପରିଷଦ ଉପାଧ୍ୟକ୍ଷ ସୋମନାଥ ଦାସ, ସଦସ୍ୟ ବିମ୍ବାଧର ବିଶ୍ୱାଳ, ସଦସ୍ୟା କୌଶଲ୍ୟା ସେଠୀ, ତହସିଲଦାର ହାବିଲ ଖାଖା, ବ୍ଲକ ଉପାଧ୍ୟକ୍ଷ ରତିକାନ୍ତ ରାଉତ, ବିଧାୟକ ପ୍ରତିନିଧି ସଶାଙ୍ଗଧର ପୁହାଣ ପ୍ରମୁଖ ଯୋଗଦେଇଥିଲେ। ଜିପିଓ ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ। 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମରେ ଭଲ ପ୍ରଦର୍ଶନ କରିଥିବା ଏବଂ ବ୍ଲକ ସମସ୍ତ ସଭ୍ୟସଭ୍ୟାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ବିଭାଗ ଅନୁଯାଇ ଆଲୋଚନା କରାଯାଇଥିଲା। ହଦଗଡ ବନଖଣ୍ଡର ରେଞ୍ଜର ମାର୍ଶଲ କିସ୍କୁ, ଫରେଷ୍ଟର କେଦାରନାଥ ପାତ୍ର ଉପସ୍ଥିତ ରହିଥିଲେ। ଗ୍ରାମ୍ୟ ପରିମଳ ଯୋଜନାର ସହକାରୀ ଯନ୍ତ୍ରୀ ଉତ୍ସବ ଜେନା ପାଣି ସମସ୍ୟା ଓ ନଳକୂପ ସମ୍ପର୍କରେ ଆଲୋଚନା କରିଥିଲେ। ସହକାରୀ ଯନ୍ତ୍ରୀ ମେଗା ପ୍ରକଳ୍ପ ସର୍ମ୍ପକରେ ସୂଚନା ଦେଇଥିଲେ। ତହସିଲଦାର, କୃଷି ବିଭାଗ, ଯୋଗାଣ ଅଧିକାରୀ ଏବଂ ନିଜ ନିଜ ବିଭାଗ ସମ୍ପର୍କରେ ଆଲୋଚନା କରିଥିଲେ।

# ସରପଞ୍ଚ, ସମିତିସଭ୍ୟ ଓ ଜିଲ୍ଲା ପରିଷଦ ସଦସ୍ୟଙ୍କୁ ସମ୍ବର୍ଦ୍ଧନା

**ସୋସୋ,୨୩।୨(ସମିସ):** ହାଟଡିହୀ ବ୍ଲକର 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା କାର୍ଯ୍ୟକ୍ରମକୁ ପ୍ରତି ପଞ୍ଚାୟତରେ ସଫଳ କରାଯାଇଥିବାରୁ ପଞ୍ଚାୟତ ସମିତି ପକ୍ଷରୁ ସରପଞ୍ଚ ଓ ସମିତିସଭ୍ୟ ସଭ୍ୟାଙ୍କୁ ପଞ୍ଚାୟତ ଅନୁଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ବ୍ଲକର ସମସ୍ତ ସରପଞ୍ଚ ଓ ସମିତିସଭ୍ୟ ସୁଚାରୁ ରୂପେ କାର୍ଯ୍ୟକ୍ରମକୁ ପରିଚାଳନା କରି ସହଯୋଗ ସହିତ ବ୍ଲକର ଟେକ ରଖିଥିବାରୁ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ନେତୃତ୍ୱରେ ସରପଞ୍ଚ ଓ ସଭ୍ୟମାନଙ୍କୁ ଟ୍ରଫି, ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସେହିପରି ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସୋମନାଥ ଦାସ, ସଦସ୍ୟା କୈଶଲ୍ୟା ସେଠୀ, ସଦସ୍ୟ ବିମ୍ବାଧର ବିଶ୍ୱାଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

### କୁଶ ପଟ୍ଟନାୟକ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ

# ଢେଙ୍କାନାଳକୁ ହରାଇ ବାଲେଶ୍ୱର ବିଜୟୀ



**ଆନନ୍ଦପୁର,୨୩।୨(ସମିସ):** ଆନନ୍ଦପୁର ଷ୍ଟାଡିୟମ ପଡିଆଠାରେ ରାଜ୍ୟସ୍ତରୀୟ କୁଶ ରଂଜନ ପଟ୍ଟନାୟକ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ମ୍ୟାଚରେ ପପୁଲାର କ୍ଲବ ଢେଙ୍କାନାଳକୁ ୩-୦ ଗୋଲରେ ପରାସ୍ତ କରି ବାଲେଶ୍ୱରର ମିଶନ ଟାଇଗର କ୍ଲବ ବିଜୟୀ ହୋଇଛି। ଆନନ୍ଦପୁର କ୍ରୀଡା ସଂସଦ ସମ୍ପାଦକ ନବରଞ୍ଜନ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ସମ୍ମାନୀତ ଅତିଥି ଭାବେ ଆନନ୍ଦପୁର ମେଡିକାଲ ସୁପରିଟେଣ୍ଡ ଧନେଶ୍ୱର ସେଠୀ, ପୂର୍ବତନ କ୍ରୀଡା ସଂସଦ ସମ୍ପାଦକ ମନୋରଞ୍ଜନ ପଟ୍ଟନାୟକ ଯୋଗ ଦେଇ ଉଭୟ ଦଳ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ରେଫରି ଭାବେ ଆଲୋକ ଦେହୁରୀ, ସୁଜିତ ରାଜହଂସ, ଅୟସକାନ୍ତ ସ୍ୱାଇଁ ଏବଂ ଏମ୍‌ଏସ ବାଗ୍ ଖେଳକୁ ପରିଚାଳନା କରିଥିଲେ। ଗୋଲକି ଜଜ୍ ଭାବେ ମନୋରଞ୍ଜନ ସିଂ, ରାମଚନ୍ଦ୍ର ସାହୁ ଓ ଆଜିର ମ୍ୟାଚର ଶ୍ରେଷ୍ଠ ଖେଳାଳି ଚୟନ ପାଇଁ ବିଚାରକ ଭାବେ ପୂର୍ବତନ ଖେଳାଳି ବିନୋଦ ବିହାରୀ ମିଶ୍ର, ଗଗନ ସିଂ ଦାୟିତ୍ୱ ନିର୍ବାହ କରିଥିଲେ। ଖେଳରେ ମୁରଲୀଧର ମିଶ୍ର, ରମେଶ କୁମାର ସିଂ, ଅକ୍ଷୟ ମହାନ୍ତି, ଅଶୋକ ରାଉଳ, ଅଜୟ ସେଠୀ, ହାଡିବନ୍ଧୁ ଖୁଣ୍ଟିଆ, ଆଦିକନ୍ଦ ମହାକୁଡ, ବିପିନି ବିହାରୀ ଚକ୍ର, ଜ୍ୟୋତିରଞ୍ଜନ ଜେନା, ନରେନ୍ଦ୍ର ସାହୁ, ବିରଜା ନାୟକ, ପ୍ରଶନ ପରିଡା, ଅଖିଳ ପଟ୍ଟନାୟକ, ଲୁଲୁ ଚାନ୍ଦ, ସୁନେନ୍ୟା ବଳିଆରସିଂ ପ୍ରମୁଖ ସହଯୋଗ କରିଥିଲେ।

# ମିଶନ ଶକ୍ତିର ମଣ୍ଡଳସ୍ତରୀୟ ସମୀକ୍ଷା ବୈଠକ




**ଡୁରୁମୁଙ୍ଗା/ପାଟଣା,୨୩।୨(ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକସ୍ତରୀୟ ମିଶନ ଶକ୍ତିର ସମୀକ୍ଷା ବୈଠକ ବ୍ଲକ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମ ମିଶନ ଶକ୍ତି ପ୍ରୋଜେକ୍ଟ ମ୍ୟାନେଜର ମନୋରଞ୍ଜନ ମହାପାତ୍ରଙ୍କ ସଂଯୋଜନାରେ ମୁଖ୍ୟଅତିଥି ଭାବେ ପାଟଣା ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଜଗନ୍ନାଥ ନାଏକ, ସମ୍ମାନିତ ଅତିଥି ଭାବରେ ଜିଲ୍ଲା ମିଶନ ଶକ୍ତି ପ୍ରୋଜେକ୍ଟ କୋର୍ଡିନେଟର ଶିଶିର ଷଡ଼ଙ୍ଗୀ, ପାଟଣା ବ୍ଲକ୍ ଅଧ୍ୟକ୍ଷା ସୁକାନ୍ତି ନାଏକ, ଉପାଧ୍ୟକ୍ଷା ବୀଣାପାଣି ନାୟକ, ପାଟଣା ବିଡିଓ ଶିବଶଙ୍କର ମୁର୍ମୁ, ଜିଲ୍ଲା ପରିଷଦ ସଦସ୍ୟ ରୁନୁ ମହାନ୍ତ, ସୌଭାଗ୍ୟ ମଞ୍ଜରୀ ନାଏକ, ପ୍ରଫୁଲ କୁମାର ନାୟକ, ଏପିଓ ଦୀପକ କୁମାର ବେହେରା, ବ୍ଲକ୍ ସହ ସଂଯୋଜକ ମିଶନ ଶକ୍ତି ରାଜେଶ କିଣ୍ଡୋ, ଜୀବିକା ମିଶନର ବ୍ଲକ୍ ପ୍ରକଳ୍ପ ସଂଯୋଜକ ସସ୍ମିତା ସାହୁ ପ୍ରମୁଖ ଯୋଗଦେଇ ପ୍ରତି ପଞ୍ଚାୟତର ରେଜିଷ୍ଟର ଓ ବ୍ୟାଙ୍କ୍ ପାସ୍‌ବୁକ୍ ସହ ୨୦୨୩-୨୪ ଆର୍ଥିକ ବର୍ଷରେ ମିଶନ ଶକ୍ତି ପକ୍ଷରୁ ହୋଇଥିବା କାର୍ଯ୍ୟର ସମୀକ୍ଷା କରିଥିଲେ। ଏଥିରେ ମହିଳାମାନଙ୍କୁ ନେଇ ଅର୍ଥନୀତି, କୃଷି, ସହ ରାଜ୍ୟ ସରକାରଙ୍କ ଯୋଜନା ଉପରେ କୁଇଜ୍ ପ୍ରତିଯୋଗିତା ହୋଇଥିଲା। ୨୧ଜଣ ମହିଳାଙ୍କୁ ମୁଖ୍ୟଅତିଥି ସାର୍ଟିଫିକେଟ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏଥିରେ ବ୍ୟାଙ୍କ୍ ମିତ୍ର, କୃଷି ମିତ୍ର, ଏମବିକେ ଓ ସ୍ୱୟଂ ସହାୟକ ଗୋଷ୍ଠୀର ଶତାଧିକ ମହିଳା ସାମିଲ ହୋଇଥିଲେ।

# ମିଶନ ଶକ୍ତି ଗୃହ ଉଦ୍‌ଘାଟିତ

**ଡୁରୁମୁଙ୍ଗା/ପାଟଣା,୨୩।୨(ସମିସ):**କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ମୁଖ୍ୟାଳୟରେ ୫୦ ଲକ୍ଷ ଟଙ୍କାର ବ୍ୟୟ ବରାଦ ହୋଇଥିବା ନବନିର୍ମିତ ମିଶନ ଶକ୍ତି ଗୃହକୁ ଶୁକ୍ରବାର ପାଟଣା ବିଧାୟକ ଜଗନ୍ନାଥ ନାଏକ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଉଦଘାଟନ କରିଛନ୍ତି। ଉଦଂଟନୀ ଉତ୍ସବରେ ପାଟଣା ବିଡ଼ିଓ ଶିବ ଶଙ୍କର ମୁର୍ମୁ, ମିଶନ ଶକ୍ତିର ଜିଲ୍ଲା କର୍ଡିନେଟର ଶିଶିର ଷଡ଼ଙ୍ଗୀ ବ୍ଲକ ଅଧ୍ୟକ୍ଷା ସୁକାନ୍ତି ନାଏକ,ଉପାଧ୍ୟକ୍ଷା ବୀଣାପାଣି ନାୟକ, ଜିଲ୍ଲା ପରିଷଦ ସଦସ୍ୟ ରୁନୁ ମହାନ୍ତ, ସୌଭାଗ୍ୟ ମଞ୍ଜରୀ ନାୟକ, ପ୍ରଫୁଲ କୁମାର ନାଏକ, ବିପିଏମ୍ ମନୋରଞ୍ଜନ ମହାପାତ୍ର ଯୋଗଦେଇ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକର ୨୦ଟି ପଞ୍ଚାୟତର ଏମ୍‌ବିକେ, ସିଆର୍‌ପି ସମେତ ସ୍ୱୟଂ ସହାୟକ ଗୋଷ୍ଠୀର ଶତାଧିକ ମହିଳା ଉପସ୍ଥିତ ଥିଲେ।

# ସୋସୋ ଗ୍ରାମରେ ବିଶ୍ୱଶାନ୍ତି ଗୀତା ଯଜ୍ଞ

**ସୋସୋ, ୨୩।୨(ସମିସ):** କେନ୍ଦୁଝର ଜିଲା ହାଟଡ଼ିହି ବ୍ଲକ ସୋସୋ ଗ୍ରାମରେ ୫୫ତମ ବିଶ୍ୱଶାନ୍ତି ଗୀତାଯଜ୍ଞ ଆରମ୍ଭ ହୋଇଛି। ସାଳନ୍ଦୀ ନଦୀ ଘାଟରୁ କଳସ ଶୋଭାଯାତ୍ରାରେ ଅଣାଯାଇ ଗ୍ରାମ ପରିକ୍ରମା ପରେ ପୂଜାସ୍ଥଳୀରେ ସ୍ଥାପନ କରାଯାଇଛି। କଳସ ବ୍ରତଧାରୀ ଭାବେ ଦାମୋଦର ରାଉତ, ଚିତ୍ତରଞ୍ଜନ ରାଉତ, ଲକ୍ଷ୍ମୀଧର ନାୟକ, ଆନନ୍ଦଚନ୍ଦ୍ର ସିଂ, ସୁକୁମାର ଦାସ, ରାଧାଶ୍ୟାମ ମଲ୍ଲୀକ, ଗୋପବନ୍ଧୁ ରାଉତ, ସୁରେନ୍ଦ୍ର କୁମାର ପତି, ବସନ୍ତ ମହାନ୍ତି, ନରୋତ୍ତମ ରାଉତ, କୁଳମଣି ରାଉତ, ପ୍ରଶାନ୍ତ ରାଉତ ଦାୟୀତ୍ୱ ତୁଲାଇଥିବାବେଳେ ମୁଖ୍ୟ ପୂଜକ ବୈଦ୍ୟନାଥ



ନନ୍ଦ, ପୂଜକ ସୁବାଶ ଚନ୍ଦ୍ର ଦାଶ, ସୁଧାକର ପତି, ଦାମୋଦର ତ୍ରିପାଠୀ, ରାଧାଶ୍ୟାମ ପଣ୍ଡା, ଉପେନ୍ଦ୍ର ଉପାଧ୍ୟାୟ, ବଳରାମ ଶତପଥି , ବସନ୍ତ କୁମାର ପତି, ଅମରେଶ୍ ନନ୍ଦ ପୂଜାପାଠ କରିଥିଲେ। ପୂର୍ଣ୍ଣାହୁତିରେ ବ୍ରତଧାରୀଙ୍କର ଚରୁ ଭୋଗ ଯଜ୍ଞରେ ଲଗାଯାଇଥିଲା। ଯଜ୍ଞ ଅବସରରେ ଦୋକାନ ବଜାର ସାଙ୍ଗକୁ ଦୋଳି ଓ ଆଲୋକସଜ୍ଜା ହୋଇଛି। ସୂଚନାଯୋଗ୍ୟ ଏହି ଗୀତା ଯଜ୍ଞ ଅନନ୍ତ ନାରାୟଣ ମଠର ମଠାଧିଶ ସିଦ୍ଧ ପୁରୁଷ ଶ୍ରୀଶ୍ରୀ କୃଷ୍ଣଦାସ ବାବାଜୀ ମହାରାଜଙ୍କ ପରାମର୍ଶରେ ଗ୍ରାମର ନିତିନିଷ୍ଠ ବେଦଜ୍ଞ ବ୍ରାହ୍ମଣ ସୁଦର୍ଶନ ଦାଶଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ କୃଷ୍ଣ ପ୍ରସାଦ ଦାସଙ୍କ ସହଯୋଗରେ ୧୯୭୦ ମସିହାରୁ ଆରମ୍ଭ ହୋଇଛି। ଚଳିତ ବର୍ଷ ୫୫ତମ ଯଜ୍ଞ କମିଟି ସଭାପତି ରମେଶ ମହାନ୍ତି, ସମ୍ପାଦକ ଦୀନବନ୍ଧୁ ପହି, କୋଷାଧ୍ୟକ୍ଷ ରବୀନ୍ଦ୍ର ନାଥ ରାଉତ, ରମାକାନ୍ତ ସିଂ, ବିନୋଦ ସିଂ, ଆନନ୍ଦ ଚନ୍ଦ୍ର ନାୟକ, ଶରତ କୁମାର ରାଉତ, ପୂର୍ବତନ ସରପଞ୍ଚ ବୈଲୋଚନ ନାୟକ, ରଙ୍ଗାଧର ସିଂ, ଅନାଦି ଚରଣ ନାୟକ, କୁଳମଣୀ ରାଉତ, ବସନ୍ତ ରାଉତ, ଗିରିଶ ନାୟକ, ଅକ୍ଷୟ କୁମାର ବେହେରା, କେଦାର ରାଉତ, ନିରାକାର ରାଉତ ପ୍ରମୁଖଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଛି।

# ନିକୋଲସନ୍ ବନ ପ୍ରଶିକ୍ଷଣ ବିଦ୍ୟାଳୟର ସମାବର୍ତ୍ତନ ଉତ୍ସବ

**ଚମ୍ପୁଆ,୨୩।୨(ସମିସ)**



ଚମ୍ପୁଆସ୍ଥିତ ସର୍ବପୁରାତନ ନିକୋଲସନ ବନ ପ୍ରଶିକ୍ଷଣ ବିଦ୍ୟାଳୟର ୧୦୮ତମ ସମାବର୍ତ୍ତନ ଉତ୍ସବ ବିଦ୍ୟାଳୟ ଅଡିଟୋରିୟମରେ ମହାସମାରୋହରେ ପାଳିତ ହୋଇଯାଇଛି। ଓଡ଼ିଶାର ୨୨ଟି ଡିଭିଜନରୁ ଆସିଥିବା ମୋଟ ୭୩ ଜଣ ମହିଳା ଓ ୮ ଜଣ ପୁରୁଷ ପ୍ରଶିକ୍ଷଣ ନେଉଥିଲେ। ସମାବର୍ତ୍ତନ ଉତ୍ସବ ଉପଲକ୍ଷେ ବନ ବିଦ୍ୟାଳୟ ଖେଳପଡିଆ ଠାରେ ଏକ ଚିତ୍ତାକର୍ଷକ ପ୍ୟାରେଡ଼ରେ ମୁଖ୍ୟ ଅତିଥି ଓଡ଼ିଶା ସରକାରଙ୍କ ସିସିଏଫ (ପ୍ରଶିକ୍ଷଣ ଓ ବିକାଶ)ଅକ୍ଷୟ କୁମାର ପଟ୍ଟନାୟକଙ୍କ ଅଭିଭାଦନ ଗ୍ରହଣ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଅଧ୍ୟକ୍ଷ ତଥା ଡିସିଏଫ ପ୍ୟାରୀମୋହନ ମାଝୀ, କେନ୍ଦୁପତ୍ର ଡିଏଫ୍‌ଓ, କେନ୍ଦୁଝର ନିତ୍ୟାନନ୍ଦ ନାଏକ, ଏସିଏଫ ମୋହନ ହେମ୍ବ୍ରମ, ପୁର୍ବତନ ଏସିଏଫ ସତ୍ୟବ୍ରତ ମହାନ୍ତି, ବରିଷ୍ଠ ପ୍ରଶିକ୍ଷକ ଅମର କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ପରେ ଅନୁଷ୍ଠାନ ସଭାଗୃହ ଠାରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ସମସ୍ତ ପ୍ରଶିକ୍ଷାର୍ଥୀମାନଙ୍କୁ କାର୍ଯ୍ୟ କ୍ଷେତ୍ରରେ ସମୟାନୁବର୍ତ୍ତୀ ଓ କାର୍ଯ୍ୟଦକ୍ଷ ହେବାକୁ ପରାମର୍ଶ ଦେଇଥିଲେ। ସେହିପରି ସମ୍ମାନିତ ଅତିଥି କେନ୍ଦୁପତ୍ର ଡିଏଫ୍‌ଓ ବନ୍ୟଜନ୍ତୁ ସଂରକ୍ଷଣ, ପରିଚାଳନା ଓ ଆଧୁନିକୀକରଣ ଉପରେ ସରକାରଙ୍କ ବହୁବିଧ ଯୋଜନା ସମ୍ପର୍କରେ ଅବତାରଣା କରିଥିଲେ। ଅନ୍ୟ ଅତିଥିମାନେ ସରକାରଙ୍କ '୫-ଟି' କାର୍ଯ୍ୟକ୍ରମ ଉପରେ ପ୍ରଶିକ୍ଷାର୍ଥୀମାନଙ୍କୁ ପ୍ରଶିକ୍ଷଣ ଦିଆଯାଇ ଚାକିରି ଜୀବନରେ ତାହାକୁ କାର୍ଯ୍ୟକାରି କରିବାକୁ ପରାମର୍ଶ ଦେଇଥିଲେ। ଚଳିତ ପ୍ରଶିକ୍ଷଣ ଶିବିରରେ ଟପ୍ପର ଭାବେ କେନ୍ଦୁଝର ଡିଭିଜନର ପୂଜାରାଣୀ ବଳ, ଅଲରାଉଣ୍ଡର ପ୍ରଶିକ୍ଷାର୍ଥୀ ଭାବେ ବଣେଇ ଡିଭିଜନର ଉତ୍କଳ କେଶରୀ ରାଉତ, ମହିଳା ଆଥଲେଟ୍ ଚାମ୍ପିଅନ ଭାବେ କଟକ ଡିଭିଜନର ରୋଜାଲିନ ମହାପାତ୍ର, ପୁରୁଷ ଆଥଲେଟ୍ ଚାମ୍ପିଅନ ଭାବେ ବଣେଇ ଡିଭିଜନର ଅନିରୁଦ୍ଧ ବେହେରା ପ୍ରମୁଖଙ୍କୁ ମୁଖ୍ୟଅତିଥି ମାନପତ୍ର ଓ ଟ୍ରଫି ଦେଇ ସମ୍ବର୍ଦ୍ଧିତ କରିଥିଲେ।

# କରଞ୍ଜିଆ ଇନ୍‌ଡୋର ଷ୍ଟାଡିୟମର ଶିଳାନ୍ୟାସ



**କରଞ୍ଜିଆ, ୨୩।୨(ସମିସ):** କରଞ୍ଜିଆ ଏନଏସି ଅନ୍ତର୍ଗତ ୧୫ନମ୍ବର ୱାର୍ଡ ବଣସାହି ପଡ଼ିଆରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଅଭାସି ମାଧମ ରେ ଶିଳାନ୍ୟାସ ହୋଇଛି। ରାଜ୍ୟ ମହିଳା ଓ ଶିଶୁବିକାଶ ଓ ମିଶନ ଶକ୍ତି ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ ଫଳକ ଉନ୍ମୋଚନ କରିଥିଲେ। ସମ୍ମାନିତ ଅତିଥି ଭାବେ ଏନଏ ସି ଚେୟାରମ୍ୟାନ ପପି ପୃଷ୍ଟି, ସ୍ୱରୁପ କୁମାର୍ ପରିଜା, ୧୫ନମ୍ବର ୱାର୍ଡ କାଉନସିଲର ନମିତା ଘୋଣ୍ଟିଆଲି, ବରିଷ୍ଠ କ୍ରୀଡାବିତ ଗୌରୀ ଶଙ୍କର ସିହ୍ନା, ବରିଷ୍ଠ ନେତା ଗିରିଧାରୀ ପୃଷ୍ଟି, ରହିତ କୁମାର ପୃଷ୍ଟି, ମହେଶ୍ୱର ନାୟକ ଓ ଏନ୍ ଏ ସି କାର୍ଯ୍ୟନିର୍ବାହୀ ଅଧିକାରୀ ଲୋଳିତ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ବାରିପଦା ଷ୍ଟାଡିୟମର ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ

ବାରିପଦା, ୨୩।୨(ସମିସ)

ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲ୍ଲାରେ କ୍ରୀଡ଼ା କ୍ଷେତ୍ରରେ ବିକାଶ ନିମନ୍ତେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା କରିଛନ୍ତି। ଏନେଇ ଷ୍ଟାଡିୟମର ଉନ୍ନତୀକରଣ ନେଇ ଶିଳାନ୍ୟାସ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନସିଂ ଜରିଆରେ ଏହାର ଶିଳାନ୍ୟାସ କରିଛନ୍ତି।

କ୍ରୀଡ଼ାର ଭିତ୍ତିଭୂମିର ବିକାଶ ନିମନ୍ତେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୭୦୦ କୋଟି ଟଙ୍କାର ଅନୁଦାନ ଘୋଷଣା କରିଥିବା ବେଳେ ବାରିପଦା ଷ୍ଟାଡିୟମ ପଡ଼ିଆର ଉନ୍ନତୀକରଣ ପାଇଁ ମଧ୍ୟ ସ୍ୱତନ୍ତ୍ରର ପ୍ୟାକେଜ ପ୍ରଦାନ କରିଛନ୍ତି। ବାରିପଦା ଷ୍ଟାଡିୟମର ଉନ୍ନତୀକରଣ କରି ଖେଳାଳିମାନଙ୍କୁ କ୍ରୀଡ଼ା କ୍ଷେତ୍ରରେ ନୂତନ ଜ୍ଞାନକୌଶଳ ପ୍ରଦାନ କରିବା ପାଇଁ ପ୍ରୟାସ କରାଯାଇଛି। ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପଣ୍ଡିୟାନ ଜିଲ୍ଲା




ଗସ୍ତ ଅବସରରେ ବାରିପଦା ଷ୍ଟାଡିୟମ ପରିଦର୍ଶନ କରିଥିଲେ। ଷ୍ଟାଡିୟମର ଉନ୍ନତିକରଣ ବ୍ୟବସ୍ଥା ନେଇ ଆଲୋଚନା କରିଥିଲେ। ତେବେ ଜିଲ୍ଲାବାସୀଙ୍କ ବହୁ ଦିନର ଦାବି ଷ୍ଟାଡିୟମର ଉନ୍ନତିକରଣ ବ୍ୟବସ୍ଥା କାର୍ଯ୍ୟକାରୀ କରିବା ନେଇ ମୟୁରଭଞ୍ଜ ଏଥଲେଟିକ ଆସୋସିଏସନର ପଦାଧିକାରୀଙ୍କ ପକ୍ଷରୁ ୫-ଟି ଅଧ୍ୟକ୍ଷଙ୍କ ନିକଟରେ ଉପସ୍ଥାପନ କରିଥିଲେ। ଏନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ କାର୍ଯ୍ୟ ଆରମ୍ଭ ହୋଇଛି।

ଷ୍ଟାଡିୟମ୍ ପରିସରରେ ଫ୍ଲୋଡ ଲାଇଟ୍ ଲାଗିବା ସହିତ ଏହାକୁ ଏକ ଜାତୀୟସ୍ତରର ଖେଳପଡ଼ିଆ ଭାବେ ରୂପାନ୍ତରିତ କରିବାର ପ୍ରକ୍ରିୟା ଆରମ୍ଭ ହୋଇଛି। ଶିଳାନ୍ୟାସ କାର୍ଯ୍ୟକ୍ରମରେ ଭିଡିଓ କନଫରେସିଂ ଯୋଗେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ, ଜିଲ୍ଲାପାଳ ତଥା ମୟୂରଭଞ୍ଜ ଅଥେଲେଟିକ୍ ଆସୋସିଏନ (ମାଆ) ର ସଭାପତି ଆଶିଷ ଠାକରେ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଡା. ଦେବାଶିଷ ମାରାଣ୍ଡି, ମୟୂରଭଞ୍ଜ ଅଥେଲେଟିକ୍ ଆସୋସିଏନ(ମାଆ) ର ସମ୍ପାଦକ ବିଜୟ କୁମାର ଦାସ, ବାରିପଦା ପୌରପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ମଧୁସ୍ମିତା ସାମନ୍ତରାୟ, ପୌରପାଳିକାର ବିଭିନ୍ନ ୱାର୍ଡର କାଉନସିଲର ପ୍ରମୁଖ ଉପସ୍ଥିତ ଥିଲେ।

# ଦାଣ୍ଡବୋଷରେ ଗୁରୁଦର୍ଶନ ଉତ୍ସବ ପାଳିତ



**ରାଇରଙ୍ଗପୁର, ୨୩।୨(ସମିସ):** ଚଳିତ ବର୍ଷ ଦାଣ୍ଡବୋଷ ଗ୍ରାମରେ ଥିବା ଅଲଚିକି ଲିପି ସ୍ରଷ୍ଟା ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଗୁରୁଦର୍ଶନ ଉତ୍ସବ ପାଳିତ ହୋଇଯାଇଛି। ଉକ୍ତ ଦିନ ତାଙ୍କ ଜନ୍ମସ୍ଥଳୀରେ ଥିବା ଫଟୋ ଓ ଦେହ ତ୍ୟାଗ ସ୍ଥାନକୁ ଯାଇ ଓଡ଼ିଶା, ବିହାର, ଝାଡଖଣ୍ଡ, ପଶ୍ଚିମବଙ୍ଗ ତଥା ବିଦେଶରୁ ଆଦିବାସୀ ସମ୍ପ୍ରଦାୟ ଲୋକେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଏହାପରେ ସେମାନେ ପଣ୍ଡିତଜୀଙ୍କ ସମାଧିକ୍ଷେତ୍ରକୁ ଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ପ୍ରସାଦ ସମର୍ପଣ କରିଥିଲେ। ପଣ୍ଡିତ ରଘୁନାଥ ମୁର୍ମୁ ଆଦିବାସୀ ସମାଜରେ ଦେବ ଓ ଗୁରୁ ତୁଲ୍ୟ ମଣିଷ ଭାବେ ପୂଜନୀୟ ରହିଛନ୍ତି। ମାଘ ସପ୍ତମୀର ପାବନ ଦିନରେ ତାଙ୍କର କୃତିତ୍ୱ ଭାବେ ଅଲଚିକି ଲିପିକୁ ପ୍ରାଥମିକସ୍ତରରୁ ଆରମ୍ଭ କରି ମହାବିଦ୍ୟାଳୟ ସ୍ତରରେ ପାଠପଢ଼ା ହେବା ପାଇଁ ତାଙ୍କ ପରିବାର ଲୋକେ ଯୋଗ ଦେଇଥିଲେ। ଉକ୍ତ ଭବ୍ୟ କାର୍ଯ୍ୟକ୍ରମରେ ତାଙ୍କର ନାତି ଚୁନେନ ରଘୁନ ମୁର୍ମୁ, ଭୀମୱାର ମୁର୍ମୁ, ସମ୍ପର୍କୀୟ ଲୋକେ ତଥା ଦୂରଦୁରାନ୍ତରରୁ ଆଦିବାସୀ ସମ୍ପ୍ରଦାୟ ଲୋକେ ବହୁ ସଂଖ୍ୟାରେ ଏକତ୍ରିତ ହୋଇଥିଲେ।

# ଦେଶୀ ମଦ ଜବତ, ୫ ଗିରଫ



**ରାଇରଙ୍ଗପୁର, ୨୩।୨(ସମିସ):** ରାଇରଙ୍ଗପୁର ଅବକାରୀ ଅବକାରୀ ପୁଲିସ ପକ୍ଷରୁ ଚଢ଼ଉ କରି ବାମନଘାଟୀ ଉପଖଣ୍ଡ ରାଇରଙ୍ଗପୁର ବ୍ଲକ ଗୋରୁମହିଷାଣି ଅନ୍ତର୍ଗତ କାଦୁଆଣୀ ଗାଁର ଦୁଲାରୀ ମୁର୍ମୁ ୨୧ ଲିଟର, ସୁନି ହାଁସଦାଃ, ୨୨ ଲିଟର ଓ ସାକ୍ର ମୁର୍ମୁ ୨୩ ଲିଟର ସହିତ ରାଇରଙ୍ଗପୁର ମ୍ୟୁନିସିପାଲିଟି ଅନ୍ତର୍ଗତ ଅଳାଁଡୁବା ର ଲକ୍ଷ୍ମଣ ଟୁଡୁ (୫୫) ଓ ଅଟୋ ଡ୍ରାଇଭର ବାଜିନାଥ ସୋରେନ (୪୦) ଙ୍କ ଠାରୁ ଦେଶୀମଦ ଜବତ କରାଯାଇଥଲା। ଏନେଇ ରାଇରଙ୍ଗପୁର ଅବକାରୀ ଥାନାରେ ମାମଲା ରୁଜୁ କରାଯାଇ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ସ୍ୱର୍ଣ୍ଣଲତା ନର୍ସିଂ କଲେଜର ବାର୍ଷିକ ଉତ୍ସବ

**କୁଆମରା, ୨୩।୨(ସମିସ):** ଗୋପବନ୍ଧୁନଗର ବ୍ଲକ ପୁରୁଣା ବାରିପଦା ସ୍ୱର୍ଣ୍ଣଲତା ନର୍ସିଂ କଲେଜ ଏବଂ ଏସ୍‌ଏସ୍ ଫାର୍ମାସୀ କଲେଜର ମିଳିତ ଆନୁକୂଲ୍ୟରେ ଚତୁର୍ଥ ବାର୍ଷିକ ଉତ୍ସବ ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଛି। ସଭାପତି ଭବାନୀଶଙ୍କର ସାହୁଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି କୁଆମରା ଡାକ୍ତରଖାନାର ମେଡିକାଲ ଅଫିସର ଡ. ଶାନ୍ତନୁ କୁମାର ଜେନା, ମୁଖ୍ୟବକ୍ତା ସ୍ୱର୍ଣ୍ଣଲତା କଲେଜର ସମ୍ପାଦକ ପୁରୁଷୋତ୍ତମ ନାୟକ, ଅଧ୍ୟକ୍ଷା ବାସନ୍ତୀ ମଣି ବେହେରା, ଅଧ୍ୟକ୍ଷ ରୌମ୍ୟ ରଞ୍ଜନ ପଣ୍ଡା, ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ। ଏହି ଅବସରରେ ବିଦ୍ୟାଳୟର ୨୦୨୩ ବାର୍ଷିକ କ୍ରୀଡ଼ାର ୬୦ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ସହ ମାନପତ୍ର ପ୍ରଦାନ ଯାଇଥିଲା। ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀ ସହଯୋଗ କରିଥିଲେ।

# ବ୍ୟାଡ୍‌ମିଣ୍ଟନ ଷ୍ଟାଡିୟମ ଲୋକାର୍ପଣ କଲେ କେନ୍ଦ୍ରମନ୍ତ୍ରୀ

**ବେତନଟୀ, ୨୩।୨(ସମିସ):** ବେତନଟୀ ଉପକଣ୍ଠ ବାହାନଡ଼ାଠାରେ ବାହାନଡା ବ୍ୟାଡମିଣ୍ଟନ କ୍ଲବ(ବିବିସି)ଆନୁକୂଲ୍ୟରେ ୨୫ଲକ୍ଷ ଟଙ୍କାର ବ୍ୟୟବରାଦରେ ନିର୍ମିତ ବ୍ୟାଡମିଣ୍ଟନ ଷ୍ଟାଡିୟମ ଲୋକାର୍ପଣ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଇଂ. ବିଶ୍ୱେଶ୍ୱର ଟୁଡୁ। ପ୍ରଶୀଲ କୁମାର ବେହେରା ସଂଯୋଜନା କରିଥିଲେ। ଏହି ଅବସରରେ ଫାଲଗୁନି ସାହୁ, ବ୍ୟବସାୟିକ ଅଧିକାରୀ ରଞ୍ଜନ ଚୌରାସିଆ, ବରିଷ୍ଠ ଶିକ୍ଷାବିତ ରାଧାମୋହନ ବେହେରା, ଆୟୋଜକ ବିବିସିର ସଭାପତି ନିରଞ୍ଜନ ମହାନ୍ତି, ସାଂସଦ ପ୍ରତିନିଧି ପ୍ରଦୀପ ପରିଡ଼ା, ମଣ୍ଡଳସଭାପତି ରାଜକିଶୋର ଶାହା, ଓବିସି ମୋର୍ଚ୍ଚା ଜିଲ୍ଲାସଭାପତି ତଥା ପ୍ରାକ୍ତନ ଜିଲ୍ଲାପରିଷଦ ବ୍ରହମୋଜନ ବେହେରା, ପ୍ରାକନ୍ତ କଲେଜ ଅଧ୍ୟକ୍ଷ ଡ. ରମାକାନ୍ତ ସିଂହ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷା ଅମ୍ବିକା ବାରିକ ପ୍ରମୁଖ ଯୋଗଦେଇଥିଲେ। ବାହାନଡା ଠାରେ ରାଷ୍ଟ୍ରାୟତ୍ତ ତୈଳ ଉତ୍ପାଦନକାରୀ ଏବଂ



ଯୋଗାଣକାରୀସଂସ୍ଥା ହିନ୍ଦୁସ୍ଥାନ ପେଟ୍ରୋଲିୟମ କର୍ପୋରେସନ ଲିମିଟେଡର ସିଏସଆର ପାଣ୍ଠିରୁ ୨୫ଲକ୍ଷ ଟଙ୍କାର ବ୍ୟୟବରାଦରେ ନିର୍ମିତ ବ୍ୟାଡମିଣ୍ଟନ ଷ୍ଟାଡିୟମ ଦ୍ୱାରା ବେତନଟୀ ସମେତ ଆଖପାଖ ଅଞ୍ଚଳର ବହୁ ଯୁବକ ତଥା କ୍ରୀଡାପ୍ରେମୀ ନିଜର ପ୍ରତିଭା ପ୍ରତିପାଦନ କରିପାରିବେ। ରଣଜିତ ପ୍ରଧାନ ବିବରଣୀ ପାଠ କରିବା ସହିତ କାର୍ଯ୍ୟକ୍ରମର ଆଭିମୁଖ୍ୟ ସନ୍ଦର୍ଭରେ ସମ୍ୟକ ବକ୍ତବ୍ୟ ଉପସ୍ଥାପନ କରିଥିଲେ।

# ନୂତନ କଂଗ୍ରେସ ଜିଲ୍ଲା ସଭାପତିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

**ରାଇରଙ୍ଗପୁର, ୨୩।୨(ସମିସ):** ରାଇରଙ୍ଗପୁର ପୌରପରିଷଦ କୁଡୁମୀ ଭବନ ଠାରେ ନଗର ସଭାପତି ଅଶୋକ ଅଗ୍ରୱାଲ ଙ୍କ ସଭାପତିତ୍ୱରେ ନବ ନିଯୁକ୍ତ ପଶ୍ଚିମ ମୟୂରଭଞ୍ଜ ଜିଲ୍ଲା କଂଗ୍ରେସ ସଭାପତି ଭୁବନ ବିହାରୀ ସାହୁଙ୍କୁ କଂଗ୍ରେସ ଦଳ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ପୂର୍ବତନ କଂଗ୍ରେସ ବିଧାୟକ ଲକ୍ଷ୍ମଣ ମାଝୀ, ପୂର୍ବତନ କଂଗ୍ରେସ ବିଧାୟକ ଶ୍ୟାମ ଚରଣ ହାଁସଦା, ଭଜହରି ମହାନ୍ତ, ଜିଲ୍ଲା ଏସସି ସେଲ ସଭାପତି ଭାଗିରଥି ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ରାଇରଙ୍ଗପୁର ମ୍ୟୁନିସିପାଲଟି, ରାଇରଙ୍ଗପୁର, ବହଳଦା, ଯାମଦା, ତିରିଂ, କୁସୁମି, ?ଜାତଲା, ବିଶୋଇ, ଯଶିପୁର ତଥା ବିଭିନ୍ନ ଅଞ୍ଚଳରୁ ବହୁ କଂଗ୍ରେସ ନେତୃବୃନ୍ଦ ଓ କର୍ମୀ ଯୋଗ ଦେଇଥିଲେ। ଆଗକୁ ସାଧାରଣ ନିର୍ବାଚନ। ତେଣୁ ତୃଣମୂଳ ସ୍ତରରେ ସମସ୍ତେ ଏକଜୁଟ ହୋଇ ସଂଗଠନକୁ ସୁଦୃଢ କରିବା ସହ ରାଜ୍ୟ ନିଷ୍ପତ୍ତିକୁ ମାନି ଶୃଙ୍ଖଳିତ ଅନୁସାରେ କାମ କରି ପାରିଲେ ଦଳ ସଫଳତା ଲାଭ ପାଇବା ବୋଲି କହିଥିଲେ। ଏଥିରେ ବରିଷ୍ଠ କଂଗ୍ରେସ ନେତା ଅନନ୍ତ ଖୁଣ୍ଟିଆ, ଗୋଲକ ବିହାରୀ ମହାନ୍ତି, ବସନ୍ତ ପଟ୍ଟନାୟକ, ତିରିଂ ବ୍ଲକ ସଭାପତି ସନ୍ତୋଷ ନାଏକ, ବହଳଦା ବ୍ଲକ ସଭାପତି ଗୌର୍ ପରମାଣିକ, ଯାମଦା ବ୍ଲକ ସଭାପତି ମନୋଜ ନାୟକ, ରାଇରଙ୍ଗପୁର ବ୍ଲକ ସଭାପତି ସୀମାଲ ମାଝୀ, ବିଶୋଇ ବ୍ଲକ ସଭାପତି ସୁବାସ ପାତ୍ର, ବିଜାତଲା ବ୍ଲକ ସଭାପତି ?ରେଲେ ସିର୍କା, ଏଡିଏମ୍ ଇନ୍ତେଖାବ ଆଲ୍ଲାମ୍, ନାରାୟଣ ମହାପାତ୍ର, ନିଳିମା ପ୍ରିୟର୍ଶିନୀ ସୋରେନ, ଯଶିପୁର ବ୍ଲକ ସଭାପତି ଚିତ୍ତ ବେହେରା, ପୁର୍ଣ ବେହେରା, ବିଶ୍ୱନାଥ ଦାସ, ରୂପକ ମହାନ୍ତି, ଅନିଲ ସୋରେନ, ରୁକ୍ମିଣୀ ସୋରେନ ସମେତ ବହୁ ନେତୃବୃନ୍ଦ ଯୋଗ ଦେଇଥିଲେ।

# ବିମଳଲୋଚନ ଦାସଙ୍କ ସ୍ମୃତିଚାରଣ ସଭା ଓ ସମ୍ବର୍ଦ୍ଧନା ସମାରୋହ

**ବାରିପଦା, ୨୩।୨(ସମିସ):** ମୟୂରଭଞ୍ଜର ପ୍ରତିଶ୍ରୁତି ପ୍ରତିଷ୍ଠାନ ପକ୍ଷରୁ ଓଡ଼ିଶାର ସମବାୟ ଆନ୍ଦୋଳନର ଅଗ୍ରଦୂତ, ବାରିପଦାର ପୂର୍ବତନ ବିଧାୟକ ତଥା ବିଶିଷ୍ଟ ସମାଜସେବୀ ଓ ବରିଷ୍ଠ ସାମ୍ବାଦିକ ବିମଳ ଲୋଚନ ଦାସଙ୍କ ମହାପ୍ରୟାଣ ଦିବସ ଅବସରରେ ଏକ ସ୍ମୃତି ଚାରଣ ସଭା ଓ ସମ୍ବର୍ଦ୍ଧନା ପର୍ବ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟହୋଟେଲ୍‌ଅମ୍ବିକା ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ସଭାରେ ଡା. ପାର୍ଥସାରଥି ଜେନା ସଭାପତିତ୍ୱ କରିଥିଲେ। ପ୍ରତିଶ୍ରୁତି ପତ୍ରିକାର ସମ୍ପାଦକ ତଥା ବିଶିଷ୍ଟ ସାହିତ୍ୟିକ ଭାଗବତ ପଣ୍ଡା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ତଥା ବରିଷ୍ଠ ସାମ୍ବାଦିକ ଓ ଶିଶୁ ସାହିତ୍ୟର ଗବେଷକ ଡ. ବିଜୟ କୁମାର ଅଗରୱାଲା ବିମଳ ବାବୁଙ୍କ ସହିତ ତାଙ୍କ ପାରିବାରିକ ସମ୍ପର୍କ ବିଷୟରେ ବର୍ଣ୍ଣନା କରିଥିଲେ। ମୁଖ୍ୟବକ୍ତା ରାଜକିଶୋର ଆଚାର୍ଯ୍ୟ ସମବାୟକ୍ଷେତ୍ରରେ ବିମଳ ବାବୁଙ୍କ ବିଚକ୍ଷଣ ଅଭିଜ୍ଞତା ରହିଥିଲା ବୋଲି ବର୍ଣ୍ଣନା କରିଥିଲେ। ସଭାରେ ବାରିପଦା ପୌରପରିଷଦର ନଗରପାଳ କୃଷ୍ଣାନନ୍ଦ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ବିମଳ ବାବୁଙ୍କ ଜୀବନାଦର୍ଶ ଓ ସୁଗୁଣର ଅବତାରଣା କରି ବାରିପଦାରେ ଛୋଟ ବଡ ବ୍ୟବସାୟୀ କିଭଳି ଭାବେ ଅର୍ବାନ ବ୍ୟାଙ୍କର ସାହାଯ୍ୟ ପାଇ ନିଜର ଗୁଜୁରାଣ ମେଣ୍ଟାଇବା ସହ ପ୍ରତିଷ୍ଠିତ ହୋଇଛନ୍ତି ତାହା ବର୍ଣ୍ଣନା କରି ସେ ବିମଳ ବାବୁଙ୍କ ଆଶିର୍ବାଦ ପାଇଁ ଆଜି ଏହି ସମ୍ମାନର ଅଧିକାରୀ ହୋଇପାରିଛନ୍ତି ବୋଲି କହିଥିଲେ। ଏହି ଅବସରରେ



କରଞ୍ଜିଆର ଭୂବନ ବିହାରୀ ସାହୁଙ୍କୁ ବିମଳଲୋଚନ ଦାସ ସ୍ମୃତି ସମ୍ମାନ-୨୦୨୪ ପ୍ରଦାନ କରାଯାଇଥିଲା ଓ ଶ୍ରୀ ସାହୁ ମଧ୍ୟ ବିମଳ ବାବୁଙ୍କ ଆଦର୍ଶଗତ ଜୀବନ ସମ୍ପର୍କରେ ଆଲୋକପାତ କରିଥିଲେ। ସାମ୍ବାଦିକ ସୁକାନ୍ତ କୁମାର ଜିଉ, ଡ.ଶ୍ୟାମସୁନ୍ଦର ଦାସ, ଅଧ୍ୟାପକ ଦୋଳ ଗୋବିନ୍ଦ ମହାନ୍ତ ପ୍ରମୁଖ ତାଙ୍କର ସ୍ମୃତି ଚାରଣ କରିଥିବାବେଳେ ସୁଧାମୟୀ ଦାସ, ଭଗବତୀ ଦାଶ, ପ୍ରଦୀପ ନାୟକ, ରତ୍ନାକର ତ୍ରିପାଠୀ, ଭାସ୍ୱତୀ ପଣ୍ଡା ପ୍ରମୁଖ କବିତା ମାଧ୍ୟମରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ସଭାରେ ଅଜିତ ବାଟ, ନରସିଂହ ବାରିକ, ବିଜୟ ମହାନ୍ତି, ରଘୁନାଥ ପଣ୍ଡା, ବଂଶୀଧର ପାଲବାବୁ, ବିକ୍ରମ କେଶରୀ ଜେନା, ଅସୀମ ଚକ୍ରବର୍ତ୍ତୀ, ଦୋଳଗୋବିନ୍ଦ ଦାଶ, ଶ୍ରୀହରି ଦତ୍ତ, ପ୍ରଦୀପ ଦାସ, ସୁରେଶ ପାଣିଗ୍ରାହୀ, ଜ୍ୟୋତିଷ ଚନ୍ଦ୍ର ମହାପାତ୍ର, ଦୀପକ ତ୍ରିପାଠୀ, ଡ. ଭକ୍ତହରି ମହାନ୍ତ, ଡ. ପ୍ରଦ୍ୟୁମ୍ନ ମହାପାତ୍ର, ଡ. ଦୀପଙ୍କର ମିଶ୍ର ପ୍ରମୁଖ ମଧ୍ୟ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସଭାପତି ଡା. ଜେନା ବିମଳ ବାବୁଙ୍କର ସାଧାରଣ ଲୋକଙ୍କ ପ୍ରତି ଅବଦାନ ସମ୍ପର୍କରେ ବଖାଣିଥିଲେ।

# ବାରିପଦାରେ ଅଗ୍ନି ଉତ୍ସବ ପାଳିତ



**ବାରିପଦା, ୨୩।୨(ସମିସ):** ପବିତ୍ର ମାଘ ପୂର୍ଣ୍ଣିମା ଅବସରରେ ସ୍ଥାନୀୟ ପୁଲିସ ଲାଇନ ମନ୍ଦିର ପ୍ରାଙ୍ଗଣରେ ଅଗ୍ନି ଉତ୍ସବ ପାଳିତ ହୋଇଯାଇଛି। ଏଥିପାଇଁ ସନ୍ଧ୍ୟା ସମୟରେ ମନ୍ଦିର ପରିସରରେ ପ୍ରଭୁ ମଦନ ମୋହନଙ୍କ ଚଳନ୍ତି ପ୍ରତିମାଙ୍କୁ ଉତ୍ସବସ୍ଥଳକୁ ବିଜେ କରା ଯାଇଥିଲା। ଅଗ୍ନି ସଂଯୋଗ ପରେ ଶ୍ରଦ୍ଧାଳୁମାନେ ବିଭିନ୍ନ ପ୍ରକାର ସାମଗ୍ରୀ ଅର୍ପଣ କରିଥିଲେ। ମନ୍ଦିର ମୁଖ୍ୟ ପୂଜକ ପ୍ରମୋଦ କୁମାର ଦାଶଙ୍କ ତତ୍ତ୍ୱାବଧାନରେ ପ୍ରସନ୍ନ କୁମାର ଦାଶ, ପ୍ରଶାନ୍ତ କୁମାର ଦାଶ ଏବଂ ରବୀନ୍ଦ୍ର ନାଥ ଦାଶ ପୂଜା କାର୍ଯ୍ୟ ସମାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମନ୍ଦିର ସେବାୟତ ବିଶ୍ୱନାଥ ଲେଙ୍କା, ବିମଳଲୋଚନ ପାଣିଗ୍ରାହୀ, ଦେବେନ୍ଦ୍ର ନାଥ ଦାଶ, ନିରୋଜ କୁମାର ପତି, ଆଶିଷ କୁମାର ପୃଥାଳ, ଭବାନୀଶଙ୍କର ବିଶ୍ୱାଳଙ୍କ ସମେତ ଅନ୍ୟାନ୍ୟ ସେବାୟତମାନେ ଉପସ୍ଥିତ ଥିଲେ।







# ସାରସକ୍ଷେତ୍ରରେ ନାମ ସଂକୀର୍ତ୍ତନ ଓ ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ



**ସାରସକଣା, ୨୩।୨(ସମିସ):** ସାରସକଣାର ସାରସକ୍ଷେତ୍ରରେ ଶ୍ରୀଜଗନ୍ନାଥଙ୍କ ମନ୍ଦିର ଏବଂ କ୍ଷେତ୍ରସ୍ଥିତ ପାର୍ଶ୍ୱଦେବାଦେବୀଙ୍କ ଦେଉଳ ପ୍ରତିଷ୍ଠାର ସ୍ୱନକ୍ଷତ୍ର ଦିବସ ପାଳିତ ହୋଇଛି। ବିଶ୍ୱଶାନ୍ତି ମହାଯଜ୍ଞ ଗତକାଲି ଅପରାହ୍ଣରେ ପୂର୍ଣ୍ଣାହୁତି ହେବା ସହିତ ନାମ ସଂକୀର୍ତ୍ତନ ମଧ୍ୟ ଉଦ୍‌ଯାପିତ ହୋଇଛି। ଧାର୍ମିକ କାର୍ଯ୍ୟକ୍ରମରେ ପ୍ରତିବର୍ଷ ଭଳି ଏବର୍ଷ ବି ଦୂରଦୂରାନ୍ତ ଓ ନିକଟସ୍ଥ ଗ୍ରାମମାନଙ୍କରୁ ହଜାର ହଜାର ଶ୍ରଦ୍ଧାଳୁ ଆସି ପବିତ୍ର ଯଜ୍ଞର ପୂର୍ଣ୍ଣାହୁତିରେ ଘୃତ, ଶ୍ରୀଫଳ ସମର୍ପଣ ପୂର୍ବକ ଭଗବାନ ଶ୍ରୀଯଜ୍ଞନାରାୟଣଙ୍କୁ ନିଜନିଜର ଭକ୍ତି ଓ ଶ୍ରଦ୍ଧା ନିବେଦନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଯୋଗଦେଇଥିବା ସମସ୍ତ ଶ୍ରଦ୍ଧାଳୁଙ୍କୁ ଅନୁଷ୍ଠାନ ତରଫରୁ ଦଳାଖେଚୁଡି ଅନ୍ନ ଓ ସ୍ୱାଦିଷ୍ଟ ବ୍ୟଞ୍ଜନର ପ୍ରସାଦ ବିତରଣ ହୋଇଥିଲା। ବେଦଜ୍ଞ ପୁରୋହିତ ସର୍ବଶ୍ରୀ ଦୁର୍ଗା ପ୍ରସାଦ ତ୍ରିପାଠୀ, ପୂର୍ଣ୍ଣଚନ୍ଦ୍ର ହୋତା, ମନୋଜ ରଞ୍ଜନ ଦାଶ, ଅକ୍ଷୟ କୁମାର କର, ରମାକାନ୍ତ ଶତପଥୀ ଓ ଦିବ୍ୟସୁନ୍ଦର କର ଉପସ୍ଥିତ ଥିଲେ। ପୁଲକ କୁମାର ସାହୁ, ସୁବ୍ରତ କୁମାର ଦତ୍ତ, ସୁରଥ କୁମାର ସାହୁ, ଅତୁଲ ଚନ୍ଦ୍ର ଦାସ ଏବଂ ସୁବାସ ଚନ୍ଦ୍ର ସାହୁ ସସ୍ତ୍ରୀକ ସଂକଳ୍ପରେ ବସିଥିଲେ। ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାର ସମିତି ସାରସକଣା ଓ ସାରସକ୍ଷେତ୍ର ମନ୍ଦିର ପରିଚାଳନା ଟ୍ରଷ୍ଟର ସଦସ୍ୟ/କର୍ମକର୍ତ୍ତା ସର୍ବଶ୍ରୀ ବାସୁଦେବ ସାହୁ, ଅନ୍ତର୍ଯ୍ୟାମୀ ସାହୁ, ଦୁର୍ଗା ପ୍ରସାଦ ନନ୍ଦୀ, ଯତୀନ ଚନ୍ଦ୍ର ସାହୁ, ପ୍ରଦୀପ ପାଲିତ, ଡ.ଅଜିତ ସାହୁ, ମନୋଜ ସାହୁ, ନବକିଶୋର ସେଠୀ, ଡ. ଉପେନ୍ଦ୍ର ନାଥ ସାହୁ ଏବଂ ଜଗନ୍ନାଥ ସାହୁ ପ୍ରମୁଖ ପରିଚାଳନା କରିଥିଲେ।

## ହିମାଚଳ ପ୍ରଦେଶ ସ୍ୱତନ୍ତ୍ର ବନ ବିଭାଗ ଟିମ୍‌ର ବେତନଟୀ ରେଞ୍ଜ ପରିଦର୍ଶନ

# ଶାଳପତ୍ର କ୍ଲଷ୍ଟର ଓ ଆବର୍ତ୍ତନ ପାଣ୍ଠିର ବିନିଯୋଗ ସମୀକ୍ଷା



ବେତନଟୀ/ବୈଶିଙ୍ଗା, ୨୩।୨(ସମିସ): ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ହିମାଚଳ ପ୍ରଦେଶରୁ ଏକ ସ୍ୱତନ୍ତ୍ର ଟିମ୍ ଗୁରୁବାର ବେତନଟୀ ରେଞ୍ଜ ପରିଦର୍ଶନ କରି ଫେରିଛନ୍ତି। ଉକ୍ତ ଟିମ୍‌କୁ ବାଘବସାରେ ବନସୁରକ୍ଷା ସମିତି ପକ୍ଷରୁ ସ୍ୱାଗତ କରାଯାଇଥିଲା। ଏହି ଟିମ୍‌ରେ ଦୁଇଜଣ ଡିଏଫଓ, ଜଣେ ଏସିଏଫ, ଜଣେ ରେଞ୍ଜର, ଜଣେ ବିଷୟବସ୍ତୁ ବିଶେଷଜ୍ଞଙ୍କ ସମେତ ୪ ଜଣ ପ୍ରଧାନ (ବିଏସଏସ ସଭାପତି), ଜଣେ ସ୍ୱୟଂସହାୟିକା ଗୋଷ୍ଠୀର ସମ୍ପାଦକ ଏବଂ ଭୁବନେଶ୍ୱରରୁ ଦୁଇଜଣ ସାମିଲ ଥିଲେ। ଜାପାନ ସରକାରଙ୍କ (ଜାଇକା) ଅନୁଦାନରେ ଦେଶର ବିଭିନ୍ନ ରାଜ୍ୟରେ ଲୋକଙ୍କ ଜୀବନ ଜୀବିକାରେ ଗଠନମୂଳକ ପରିବର୍ତ୍ତନ ଏବଂ ଅର୍ଥନୈତିକ ଉନ୍ନତିକକ୍ଷେ ପ୍ରୋତ୍ସାହନ ଦିଆଯାଉଛି। ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ପର୍ଯ୍ୟାୟ-୨ ଅଧୀନରେ ବନସୁରକ୍ଷା ସମିତି ମାଧ୍ୟମରେ ଯୋଗ୍ୟ ଏବଂ ଆଗ୍ରହୀ ବ୍ୟକ୍ତିବିଶେଷଙ୍କୁ ଆବର୍ତ୍ତନ ପାଣ୍ଠି ପ୍ରଦାନ କରାଯାଉଛି। ବର୍ତ୍ତମାନରେ ଶାଳପତ୍ର କ୍ଲଷ୍ଟର ପରିଚାଳନାଠାରୁ ଆରମ୍ଭକରି ବାଘବସାରେ ପନିପରିବା ଚାଷ, ବତକ, କୁକୁଡା, ମାଛ, ଘୁଷୁରୀପାଳନ ଆଦି କ୍ଷେତ୍ରରେ ଆବର୍ତ୍ତନ ପାଣ୍ଠିର ସୁବିନିଯୋଗ ଦ୍ୱାରା କିଭଳି ସେମାନେ ଲାଭବାନ ହୋଇପାରିଛନ୍ତି ସେ ନେଇ ସମୀକ୍ଷା କରିଥିଲେ। ଠିକ ସମୟରେ ବନବିଭାଗ ପକ୍ଷରୁ ଆବର୍ତ୍ତନ ପାଣ୍ଠି ଋଣ ଆକାରରେ ନେଇ ଏହାର ସୁବିନିଯୋଗ ଦ୍ୱାରା କିଭଳି ସେମାନେ ଲାଭବାନ ହୋଇ ପୁଣି ଋଣବାବଦକୁ ଅର୍ଥରାଶି ବିଭାଗକୁ ଫେରାଇଛନ୍ତି ସେ ନେଇ ଆଲୋଚନା କରିଥିଲେ। ଏହି ସ୍ୱତନ୍ତ୍ର ଟିମରେ ସିମଳା ବନ୍ୟପ୍ରାଣୀ ଡିଭିଜନ ସିସିଏଫ କାର୍ଯ୍ୟାଳୟର ଡିଏଫଓ ଅନୀତା ଭରଦ୍ୱାଜ, ପିସିସିଏଫ କାର୍ଯ୍ୟାଳୟର ଡିଏଫଓ ଡ. ରେଣୁ ସୈଜଲ, କୁଲ୍ଲୁର ଏପିଡି ଶ୍ରୀ ହେମରାଜ, ବଞ୍ଜର ବନାଞ୍ଚଳର ରେଞ୍ଜର ସଞ୍ଜୋ ଦେବୀ, ବିଷୟବସ୍ତୁ ବିଶେଷଜ୍ଞ ଆଶୁତୋଷ ପାଠକଙ୍କ ସମେତ ବନସୁରକ୍ଷା ସମିତିର ସଭାପତି ପ୍ରଧାନ ରାମ ସିଂ, ରାମ କିଷନ, ରୋହନ ଲାଲ, ରାଜେନ୍ଦ୍ର ସିଂ, ସୁମିତ୍ରା ଦେବୀଙ୍କ ସମେତ ଭୁବନେଶ୍ୱରରୁ ସ୍ୱରୂପ ବଳ ଏବଂ ଜଗଜିତ ମହାପାତ୍ର ପ୍ରମୁଖ ସାମିଲ ଥିଲେ। ସେହିପରି ଏସିଏଫ ଅରୁଣ ବିଶ୍ୱାଳ, ରେଞ୍ଜର ମନୁଓର ଖାଁ, ବିଷୟବସ୍ତୁ ବିଶେଷଜ୍ଞ କୈଳାସ ଦାଶ, ବେତନଟୀ ବନପାଳ ପ୍ରଶାନ୍ତ ସିଂସାମନ୍ତ, ବଡାମପୁର ବନପାଳ ଦୀପକ ପାତ୍ର, ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ-୨ର ଜୀବନ ଜୀବିକା ସଂଯୋଜକ ନିହାର ରଞ୍ଜନ ସାମଲ, ରତିକାନ୍ତ ବେହୁରା, ବନରକ୍ଷୀ ଉତ୍ତମ ଦାସ, ସୁଭାଶିଷ ସାହୁ ପ୍ରମୁଖ ଉପସ୍ଥିତ ବିଭିନ୍ନ ତଥ୍ୟ ଏବଂ ସହାୟତା ଯୋଗାଇଥିଲେ।

## ଆଦର୍ଶ ଶିକ୍ଷକଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର



ବଡ଼ଡାଳିମା / ତିରିଙ୍ଗ, ୨୩।୨(ସମିସ): ତିରିଙ୍ଗ ବ୍ଲକ ଅନ୍ତର୍ଗତ ଡଲାଯୋଡ଼ି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ବିଜୟ କୁମାର ସାହୁଙ୍କୁ ବୁଧବାର ବାରିପଦା ସ୍ଥିତ ଅବଦୁଲ କାଲାମ ପଡ଼ିଆରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରାଯାଇଛି। ଏହାଛଡ଼ା ଏହି ବିଦ୍ୟାଳୟ ମଧ୍ୟ ଭିନ୍ନ ଭାବରେ ପୁରସ୍କାର ପାଇ ଅଞ୍ଚଳ ପାଇଁ ଗୌରବ ଆଣିଛି। ଶିକ୍ଷକ ଶ୍ରୀ ସାହୁ ବହୁ ପ୍ରତିଭାର ଅଧିକାରୀ। ସେ ଜଣେ ଆଦର୍ଶ ଶିକ୍ଷକ, ସୁବକ୍ତା, ସୁଲେଖକ, ଆଦିବାସୀ ଭାଷାବିତ୍ ତଥା ବହୁମୁଖୀ ଭାଷାର ଅଧିକାରୀ। ତାଙ୍କୁ ଏହି ପୁରସ୍କାର ମିଳିବା ପରେ ଅଞ୍ଚଳରେ ଖୁସି ପ୍ରକାଶ ପାଇଛି।

## ଟିବି ମୁକ୍ତ ସଚେତନତା ଶିବିର



ବଡସାହି, ୨୩।୨(ସମିସ): ବଡସାହି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଏକ ତମାଖୁ ନିୟନ୍ତ୍ରଣ ଓ ଟିବି ମୁକ୍ତ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବଡସାହି ଚିକିତ୍ସାଧିକାରୀ ଡାକ୍ତର ସୁକାନ୍ତ କୁମାର ପାତ୍ର ଅଧକ୍ଷ୍ୟତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନୋଡାଲ ଅଫିସର ଏନସିଡି ଡାକ୍ତର ଜ୍ଞାନେନ୍ଦ୍ର ମହାନ୍ତି, ଏନସିଡି କନସଲଟାଣ୍ଟ ନିହାରରଞ୍ଜନ ପୃଷ୍ଟି, ଜିଲ୍ଲା ପ୍ରକଳ୍ପ ସଂଯୋଜକ ଦୀନକୃଷ୍ଣ ବାରିକ୍ ପ୍ରମୁଖ ସଚେତନା ଶିବିରର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ସରପଞ୍ଚଙ୍କୁ ସଚେତନ କରିଥିଲେ।

## ରାଷ୍ଟ୍ରପତିଙ୍କ ବ୍ୟକ୍ତିଗତ ସହାୟକଙ୍କ ପିତୃବିୟୋଗ

ରାଇରଙ୍ଗପୁର, ୨୩।୨(ସମିସ): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ବ୍ୟକ୍ତିଗତ ସହାୟକ ସୁରଥ କୁମାର ମହାନ୍ତଙ୍କ ପିତା କରମଚାନ୍ଦ ମହାନ୍ତ(୭୮)ଙ୍କ ରାଇରଙ୍ଗପୁର ବ୍ଲକ ଅନ୍ତର୍ଗତ ସାନପାଖନା ଗ୍ରାମରେ ଦେହାନ୍ତ ହୋଇଯାଇଛି। ସେ ୧୯୪୬ରେ ଜନ୍ମଲାଭ କରିଥିଲେ। ସେ ଶିକ୍ଷକତା କରି ୨୦୦୪ ମସିହାରେ ଚାପଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ଅବସର ନେଇଥିଲେ। ସେ ଜଣେ ଛାତ୍ରବତ୍ସଳ ଶିକ୍ଷକ, ମିଷ୍ଟଭାଷୀ, ପରୋପକାରୀ, ଧର୍ମପରାୟଣ ବ୍ୟକ୍ତି ଥିଲେ। ତାଙ୍କ ପରଲୋକ ଖବର ପାଇ ପୁତ୍ର ସୁରଥ କୁମାର ମହାନ୍ତ, ସୁବ୍ରତ କୁମାର ମହାନ୍ତ ଏବଂ ବନାରସରେ କାର୍ଯ୍ୟରତ ବଡ଼ଭାଇ ରବୀନ୍ଦ୍ର କୁମାର ମହାନ୍ତ ଗ୍ରାମରେ ପହଞ୍ଚିଛନ୍ତି। ମଝିଆ ପୁଅ ନିରତ ମହାନ୍ତ ସାନପାଖନାରେ ରହୁଛନ୍ତି। ସାନପାଖନା ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ତାଙ୍କ ବିୟୋଗରେ ମହାମହିମ ଦ୍ରୌପଦୀ ମୁର୍ମୁ ଶୋକ ପ୍ରକାଶ କରିଛନ୍ତି। ତାଙ୍କ ବିୟୋଗରେ ରାଇରଙ୍ଗପୁର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମୃତ୍ୟୁଶଯ୍ୟା ନିକଟରେ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ।

## ନୂତନ ବିଦ୍ୟୁତ୍ ନିର୍ବାହୀ ଯନ୍ତ୍ରୀଙ୍କ ଯୋଗଦାନ



ରାଇରଙ୍ଗପୁର, ୨୩।୨(ସମିସ): ରାଇରଙ୍ଗପୁରରେ ନୂତନ ବିଦ୍ୟୁତ ବିଭାଗୀୟ ମୁଖ୍ୟନିର୍ବାହୀ ଯନ୍ତ୍ରୀ ଭାବରେ ଇଞ୍ଜିନିୟର ଆଶୁତୋଷ ପଣ୍ଡା ରାଇରଙ୍ଗପୁର କାର୍ଯ୍ୟାଳୟରେ ଯୋଗଦାନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ରାଇରଙ୍ଗପୁରର ଏସଡିଓ ଜେ.ସୌଭାଗ୍ୟ ରଶ୍ମୀ, ଯଶିପୁର ଏସଡିଓ ବିଦ୍ୟାଧର ପଣ୍ଡା, କରଞ୍ଜିଆ ଏସଡିଓ ସୌରାଂଶୁ ପରିଡ଼ା, ବିଦ୍ୟୁତ ବିଭାଗୀୟ ଅଧିକାରୀ ଚିତ୍ତରଞ୍ଜନ ମହାପାତ୍ର, ଦାଶମତ୍ ମୁର୍ମୁ, ଦେବାଶିଷ ନନ୍ଦ ପ୍ରମୁଖ ସ୍ୱାଗତ କରିଥିଲେ। ଶ୍ରୀ ପଣ୍ଡା ରାଇରଙ୍ଗପୁର ଉପଖଣ୍ଡର ଏସ୍ଟିମେଟର ଭାବେ ପୂର୍ବରୁ କାର୍ଯ୍ୟ କରୁଥିଲେ।

## କପ୍ତିପଦା ସରକାରୀ ଉପ୍ରା ବିଦ୍ୟାଳୟର ବାର୍ଷିକ ଉତ୍ସବ



କପ୍ତିପଦା, ୨୩।୨(ସମିସ): କପ୍ତିପଦା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ପାଳିତ ହୋଇଛି। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଶିକ୍ଷାଧିକାରୀ ଅକ୍ଷୟ କୁମାର ବେହେରା ଉଦ୍‌ଘାଟନ କରିଥିଲେ। ଶରତ ଚନ୍ଦ୍ର ମିଶ୍ରଙ୍କ ଅଧ୍ୟକ୍ଷତାରେ ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ପ୍ରଫୁଲ୍ଲ ଚନ୍ଦ୍ର ମହାଳିକ, ସମ୍ମାନିତ ବକ୍ତାଭାବେ ଅବସରପ୍ରାପ୍ତ ଅନୁନିରକ୍ଷକ ଭାସ୍କର ଚନ୍ଦ୍ର ବାରିକ, ସମ୍ମାନିତ ଅତିଥି ଭାବେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ହରିଶ୍ଚନ୍ଦ୍ର ସାଏ, ରାଧାକୃଷ୍ଣ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଜୟ କୁମାର ପାଣିଗ୍ରାହୀ, ପ୍ରଧାନଶିକ୍ଷୟିତ୍ରୀ ଜସ୍ମିତା ଭୂୟାଁ, ଅବସରପ୍ରା ଶିକ୍ଷକ ଭରତ ଚନ୍ଦ୍ର ବରାଳ ପ୍ରମୁଖ ଯୋଗଦେଇ ଥିଲେ। ପ୍ରଧାନଶିକ୍ଷକ ଗୋଲକ ଚନ୍ଦ୍ର ବେଜ ବାର୍ଷିକ ବିବରଣୀ ପାଠ କରିବାସହ ଅତିଥି ପରିଚୟ କରିଥିଲେ। ବିଦ୍ୟାଳୟର ଶିକ୍ଷକ ସୁଶାନ୍ତ ନାୟକ, ମାୟାଧର ବେହେରା, କ୍ଷିତିଶ ସେନ ତଥା ଶିକ୍ଷୟିତ୍ରୀ ମମତା ମହାପାତ୍ର, ସତ୍ୟଭାମା ଦାସ, ଆରତୀ ପରିଡ଼ା, ଅନୁପମା ସେଠୀ, ମଧୁମିତା ପଣ୍ଡା, ଅଯୋଧ୍ୟା ଦାସ ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ପରିଚାଳନା କମିଟିର ଚେୟାରମ୍ୟାନ ରଞ୍ଜନ ଦାସ, ପଙ୍କଜ ଦାସ, ମନୋଜ ଦାସ, ମଧୁମିତା ମିଶ୍ର କବିତା ମହାପାତ୍ର ଓ ସୁଭଦ୍ରା ମୁଖି ପରିଚାଳନାରେ ସହଯୋଗ କରିଥିଲେ।

## ଶ୍ରୀଅରବିନ୍ଦ ସ୍କୁଲରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ

ବେତନଟୀ, ୨୩।୨(ସମିସ): ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପରିସରରେ ବୁଧବାର ବହୁଭାଷୀ ସାହିତ୍ୟ ପ୍ରତିଷ୍ଠାନ 'କବିସଙ୍ଗମ' ପକ୍ଷରୁ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ସାହିତ୍ୟାନୁଷ୍ଠାନର ପ୍ରତିଷ୍ଠାତା ସଭାପତି ବାସୁଦେବ ନାପିତଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଶିକ୍ଷାନୁଷ୍ଠାନର ପରିଚାଳନା ସଭାପତି ଗୌତମଚନ୍ଦ୍ର ବେହେରା ମୁଖ୍ୟଅତିଥି ଭାବରେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍କୁଲ ଅଧ୍ୟକ୍ଷା ଜୟଶ୍ରୀ ଉପାଧ୍ୟାୟ, ମୁଖ୍ୟବକ୍ତା ସାମ୍ବାଦିକ ଅରୁଣ କୁମାର ଓତା, ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ହରିଶ୍ଚନ୍ଦ୍ର ନନ୍ଦଗୋସ୍ୱାମୀ, ମୟୂର ସାହିତ୍ୟ ସଂସଦର ସମ୍ପାଦକ ଯତୀନ୍ଦ୍ରନାଥ ସାହୁ, ସିଭିଲ ସୋସାଇଟି ସଭାପତି ଚୂଡାମଣି ମହାପାତ୍ର, ଶିଶୁପତ୍ରିକା କଇଁଫୁଲର ସମ୍ପାଦକ ପର୍ଶୁରାମ ସାହୁ ପ୍ରମୁଖ ବିଶ୍ୱ ମାତୃଭାଷା ଦିବସ ପାଳନର ଆବଶ୍ୟକତା ଏବଂ ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ହରେନ୍ଦ୍ରନାଥ ବାରିକ, ସହଦେବ ଗିରି, ଦିୱାଲି ହେମ୍ବ୍ରମ, ସୁଭଦ୍ରା ନାଏକ, ମିତା ପରିଡ଼ା, ପଦ୍ମମାଳୀ ମହିଳା ସଂଗଠନର କାର୍ଯ୍ୟକାରୀ ସଭାପତି ଗୀତାଞ୍ଜଳି ଭୂୟାଁ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ସମ୍ପାଦକ ଡ. ରମାକାନ୍ତ ମହାନ୍ତ, କମଳଲୋଚନ କର ପରିଚାଳନା କରିଥିଲେ। ଶେଷରେ ସହସମ୍ପାଦକ ହରେନ୍ଦ୍ରନାଥ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

## ନୂତନ ଜିଲ୍ଲା କଂଗ୍ରେସ ସଭାପତିଙ୍କୁ ସମ୍ବର୍ଦ୍ଧନା



କରଞ୍ଜିଆ, ୨୩।୨(ସମିସ): କରଞ୍ଜିଆ ନଗର କଂଗ୍ରେସ ସଭାପତି ଲାଲନ ବିହାରୀ ସିଂଙ୍କ ଅଧ୍ୟକ୍ଷତାରେ ନବ ନିଯୁକ୍ତି ପାଇଥିବା ପଶ୍ଚିମ ମୟୂରଭଞ୍ଜ ଜିଲ୍ଲା କଂଗ୍ରେସ ସଭପତି ଭୁବନ ବିହାରୀ ସାହୁଙ୍କୁ ଦଳ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। ବିଧାୟକ ପ୍ରାର୍ଥୀ ଗୋଲାପ ମଞ୍ଜରୀ ସୋରେନ, ମୋନୋଜ କୁମାର ବନ୍ଦିଆ, ଅଖିଳ କୁମାର ନାଏକ, କିଶାନ ସୋରେନ, ଶରତ ଚନ୍ଦ୍ର ନାୟକ, ଲକ୍ଷ୍ମୀଧୋର ସିଂ ତିଉ, କେନ୍ଦୁଝର ଲୋକସଭା ସାଂସଦ ପ୍ରାର୍ଥୀ ଜବାମଣି ଟୁଡୁ ପ୍ରମୁଖ ଶ୍ରୀ ସାହୁଙ୍କୁ ସମ୍ବର୍ଦ୍ଧନା ଦେଇଥିଲେ।

## ଆଧ୍ୟାତ୍ମିକ ପ୍ରବଚନ କାର୍ଯ୍ୟକ୍ରମ ଉଦ୍‌ଯାପିତ



କରଞ୍ଜିଆ, ୨୩।୨(ସମିସ): କରଞ୍ଜିଆ ରାଧେ ଗୋବିନ୍ଦ ଧାମ ପକ୍ଷରୁ ଦୋଳ ପଡ଼ିଆ ନିକଟ ରାଧେ ରାଧେ ମନ୍ଦିର ପରିସର ଚାଲୁଥିବା ଦ୍ୱିଦିବସୀୟ ଆଧ୍ୟାତ୍ମିକ ପ୍ରାବଚନ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ମହିଳା ଓ ଶିଶୁ ବିକାଶ ଓ ମିଶନ ଶକ୍ତିମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ, ଏନଏସି ଅଧ୍ୟକ୍ଷା ପପୀ ପୃଷ୍ଟି, ଉପାଧ୍ୟକ୍ଷ ସ୍ୱରୂପ କୁମାର ପରିଜା, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଲଳିତ୍ କୁମାର ନାୟକ କାଉନସିଲର ବିଶ୍ୱଜିତ୍ ଚୌଧୁରୀ ପ୍ରମୁଖ ଯୋଗଦେଇ ସ୍ୱାମୀ ମୁକୁନ୍ଦାନନ୍ଦ ଜୀ'ଙ୍କଠାରୁ ଆଶୀର୍ବାଦ ନେଇଥିଲେ। ଏହି ଅବସରରେ ମନ୍ତ୍ରୀ ସ୍ୱାମୀଜୀଙ୍କୁ ଉପଢୌକନ ଦେଇ ସମ୍ମାନିତ କରିଥିଲେ। ପରେ ସ୍ୱାମୀଜୀ ପ୍ରବଚନ ଦେଇଥିଲେ। କରଞ୍ଜିଆରେ ସ୍ୱାମୀ ଜୀ ଦୁଇଦିନ ଧରି ପ୍ରବଚନ ଦେବା ପରେ ଆସନ୍ତାକାଲି ରାଇଙ୍ଗପୁର ଯିବେ ବୋଲି ସୂଚନା ମିଳିଛି। କାର୍ଯ୍ୟକ୍ରମକୁ ଗିରିଧାରୀ ପୃଷ୍ଟି, ଗୌରୀଶଙ୍କର ପରିଡ଼ା, ପରମେଶ୍ୱର ମହାନ୍ତ, ଶତ୍ରୁଘନ ସି, ରାମଚନ୍ଦ୍ର ନାୟକ, ପଟେଲ ମାଟିଆ, ପ୍ରତିଭା ମହାନ୍ତ, କଲ୍ଲିନୀ ରାଉତ ପ୍ରମୁଖ ପରିଚାଳନା କରିଥିଲେ।

## କ୍ୟାରିୟର କାଉନ୍‌ସେଲିଂ

ଶୁଳିଆପଦା, ୨୩।୨(ସମିସ): ସ୍ଥାନୀୟ ପଞ୍ଚାୟତ ସମିତି ମହା ବିଦ୍ୟାଳୟ (+୩) ରେ କ୍ୟାରିୟର କାଉନ୍ ସେଲିଂ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୟୂରଭଞ୍ଜ ଜିଲ୍ଲା ଡିଆଇସି ସହ ମ୍ୟାନେଜର ପିକେ ସାହୁ, ଶୁଳିଆପଦା ବ୍ଲକ ଆଇପିଓ ଅମ୍ବୁଜ କୁମାର ମହାନ୍ତ ଯୋଗଦେଇ ଥିଲେ। Oକାର୍ଯ୍ୟକ୍ରମରେ ମହା ବିଦ୍ୟାଳୟର ଅଧ୍ୟକ୍ଷ କିଶୋର କୁମାର ଗିରି, ଅଧ୍ୟାପକ ଦୂର୍ଗାଶଙ୍କର ଗାନ୍ଧୀ, କଲ୍ପନା ବିଶ୍ୱାଳ, ଜନତା ମଣୀ, ଡୁଙ୍ଗ ଉପସ୍ଥିତ ଥିଲେ। ଏନଏସଏସ ପ୍ରୋଗ୍ରାମ ଅଫିସର ପଙ୍କଜ କୁମାର ଦାସ୍, ଅଧ୍ୟାପିକା ସୁଧାଶ୍ରୀ ସେଠୀ କାର୍ଯ୍ୟକ୍ରମ ପରିଚାଳନା କରିଥଗବା ବେଳେ ଅନ୍ୟାନ୍ୟ କର୍ମଚାରୀ ସହଯୋଗ କରିଥିଲେ।

## ବାଗଦଫା ସରକାରୀ ବିଦ୍ୟାଳୟର ହୀରକ ଜୟନ୍ତୀ ପାଳିତ



କରଞ୍ଜିଆ, ୨୩।୨(ସମିସ): କରଞ୍ଜିଆ ବ୍ଲକ ବାଗଦଫା ପ୍ରାଥମିକ ବିଦ୍ୟାଳୟର ହୀରକ ଜୟନ୍ତୀ ବିଇଓ ନିରଞ୍ଜନ ଦଳେଇଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଛି। ମୁଖ୍ୟ ଏତିଥିଭାବେ ମହିଳା ଓ ଶିଶୁ ବିକାଶ ଓ ମିଶନ ଶକ୍ତି ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ ଯୋଗଦେଇ ସମାରୋହକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ସାହିତ୍ୟିକ ମିତ୍ରଭାନୁ ତନ୍ତି ଯୋଗଦେଇ ଥିଲେ। ସମ୍ମାନିତ ଅତିଥି ଭାବେ ଏବିଓ ବିପିନ ବିହାରୀ ବାରିକ, ସରପଞ୍ଚ ସ୍ମିତା ନାଏକ, କଲ୍ୟାଣ କୁମାର୍ ନାୟକ, ଅନିତା ବେହେରା ଯୋଗଦେଇ ଥିଲେ। ପ୍ରଧାନଶିକ୍ଷକ ଦଗଦିଶ ଚନ୍ଦ୍ର ନାଏକ ଓତିଥି ପରିଚୟ ଦେବା ସହିତ ବିବରଣୀ ପାଠ କରିଥିଲେ।

## ବିଭିନ୍ନ ସ୍ଥାନରେ ଅବକାରୀ ଚଢ଼ଉ, ଜଣେ ଗିରଫ

ମୋରଡ଼ା, ୨୩।୨(ସମିସ): ମୋରଡ଼ା ବ୍ଲକର ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ଚଢ଼ଉ କରିଛି। ବିଭିନ୍ନ ସ୍ଥାନରେ ଚଢ଼ଉ କରି ୯୫୫୦ କେଜି ମହୁଲ ପୋଚ ନଷ୍ଟ କରିବା ସହିତ ୩୧୦ ଲିଟର ଦେଶୀ ମଦ ଜବତ କରିଛି। ଏଥିରେ ସମ୍ପୃକ୍ତ ଜଣଙ୍କୁ ଗିରଫ କରିଛି। ଗିରଫ ଜଣକ ହେଲେ ମଙ୍ଗଲ ହାଁସଦା। ଏଥିରେ ସଦର ରେଞ୍ଜ ଇନ୍ସପେକ୍ଟର ସ୍ୱପ୍ନାରାଣୀ ସାହୁ, ମୋବାଇଲ ୟୁନିଟ ଇନ୍ସପେକ୍ଟର ଶ୍ରୀଧର ମହାନ୍ତି, ସଦର ଓଆଇସି ଶୁଭଦର୍ଶିନୀ ସାହୁ, ମୋରଡା ଅବକାରୀ ଅଧିକାରୀ ବ୍ରଜମୋହନ ମଲ୍ଲିକ, ବେତନଟି ଅବକାରୀ ଅଧିକାରୀ ପ୍ରକାଶଚନ୍ଦ୍ର ସାହୁ, ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟ, ଏପିଆର ଫୋର୍ସ, ବେତନଟି ପୁଲିସ ମିଳିତ ଭାବରେ ଭାଲୁକଚୁଆ, ହାଣ୍ଡିଭଙ୍ଗା ଅଞ୍ଚଳରେ ଚଢ଼ଉ କରିଥିଲେ।

## ମୟୂରଭଞ୍ଜ ଜିଲ୍ଲା ସ୍ୱାସ୍ଥ୍ୟ ସେବାରେ ନୂଆ ଅଧ୍ୟାୟ



ବାରିପଦା, ୨୩।୨(ସମିସ): ଗତ ୧୬, ୧୭ ଓ ୧୮ ତାରିଖରେ ବାରିପଦା ତକ୍ତପୁର ସ୍ଥିତ ହୋଲି ପ୍ୟାଲେସ୍‌ରେ ପିରାମଲ ଫାଉଣ୍ଡେସନ୍ ଦ୍ୱାରା ମୟୂରଭଞ୍ଜ ଜିଲ୍ଲାରେ କାର୍ଯ୍ୟ କରୁଥିବା ପାରମ୍ପରିକ ବୈଦମାନଙ୍କ ଦକ୍ଷତାର ପ୍ରମାଣପତ୍ର ପ୍ରଦାନ ନିମନ୍ତେ ପରୀକ୍ଷା ନିରୀକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କେନ୍ଦ୍ର କ୍ୱାଲିଟି କାଉନସିଲ ଅଫ୍ ଇଣ୍ଡିଆ ଦ୍ୱାରା ନିୟୋଜିତ ବେଙ୍ଗାଲୁରୁର ଟାନ୍ସ ଡିସ୍‌ପ୍ଲିନାରୀ ୟୁନିଭରସିଟି ଡାକ୍ତରମାନଙ୍କ ଦ୍ୱାରା ପରିଚାଳିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୟୂରଭଞ୍ଜ ଜିଲ୍ଲାର ଉପାନ୍ତ ଅଞ୍ଚଳରୁ ୨୧ଜଣ ବୈଦ୍ୟ ଦକ୍ଷତାର ପ୍ରମାଣ ଦେଇଥିଲେ; ଯାହା ଆଗାମୀ ଦିନରେ ମୟୂରଭଞ୍ଜ ଜିଲ୍ଲାର ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ସହାୟକ ହେବ। ଏହି କାର୍ଯ୍ୟକ୍ରମକୁ ପିରାମଲ ଫାଉଣ୍ଡେସନ୍‌ର କର୍ମଚାରୀ ନାରାୟଣ ମହାରଣା, ବାଲ୍‌ମୁକୁନ୍ଦ ଶର୍ମା, ମନୋଜ କୁମାର ପତି, କାର୍ତିକେଶ୍ୱର ଗିରି, ସଂକଳ୍ପ ଜେନା ଏବଂ ଦିପ୍ତିମୟୀ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।

## ବଣକାଟିରୁ ବିରଳ ପକ୍ଷୀ ଉଦ୍ଧାର



ଶୁଳିଆପଦା, ୨୩।୨(ସମିସ): ଶୁଳିଆପଦା ବ୍ଲକ ଉଫାଲଗଡ଼ିଆ ପଞ୍ଚାୟତ ଅଧିନ ସୀମାନ୍ତବର୍ତ୍ତୀ ଗାଁ ବଣକାଟିରୁ ଆଜି ଶୁଳିଆପଦା ବନ ବିଭାଗ ଏକ ବିରଳ ପକ୍ଷୀ ଉଦ୍ଧାର କରିଛି। ଏପ୍ରକାର ପକ୍ଷୀ ପୂର୍ବରୁ କେବେ କେହି ଅଞ୍ଚଳରେ ଦେଖି ନ ଥିବା ବେଳେ ପକ୍ଷୀଟି କେଉଁଠୁ ଆସିଲା କହିବା ମୁସ୍କିଲ। ସୂଚନା ମୁତାବକ ଶୁକ୍ରବାର ପୂର୍ବାହ୍ନରେ ପକ୍ଷୀଟି ଉଡିଆସି ଜଣେ ବ୍ୟକ୍ତିଙ୍କ ଘର ଭିତରକୁ ପଶିଯାଇଥିଲା। ଖବର ପାଇ କଣ୍ଟିସାହି ବନରକ୍ଷୀ ଜଗବନ୍ଧୁ ନାଏକ୍ ବଣକାଟିରେ ପହଞ୍ଚି ପକ୍ଷୀଟିକୁ ଉଦ୍ଧାର କରି ଶୁଳିଆପଦା ବନ ବିଭାଗ କାର୍ଯ୍ୟାଳୟକୁ ନେଇ ଆସିଥିଲେ। ପରେ ଦେଉଳି ରେଞ୍ଜର ବୁଦ୍ଧେଶ୍ୱର ନାଏକ୍, ଫରେଷ୍ଟର ସୁଶାନ୍ତ କୁମାର ବାଗ ଶୁଳିଆପଦା ପହଞ୍ଚି ପକ୍ଷୀଟିକୁ ଦେଉଳି ରେଞ୍ଜ ଅଫିସକୁ ନେଇଥିଲେ। ସେଠାରେ ଶିମିଳିପାଳ ଭିଏଏସ୍‌ଙ୍କ ଦ୍ୱାରା ଚିକିତ୍ସା କରାଯାଇ ସ୍ଥାନୀୟ ଜମ୍ବିରା ଡ୍ୟାମ୍‌ରେ ଛାଡିବା ପାଇଁ ନିଆଯାଇଥିଲା। ତେବେ ପକ୍ଷୀଟି ନଯିବାରୁ ତାକୁ ଶିମିଳିପାଳ ପାଦଦେଶରେ ଥିବା ପିଠାବଟାରେ ରଖାଯାଇଥିବା ସୂଚନା ମିଳିଛି। ଏହି ପକ୍ଷୀ ଟିର ନାମ ଲେସର୍ ଏଡଜୁଟାଣ୍ଟ ଷ୍ଟର୍କ ହୋଇଥିବା ବେଳେ ଏହା ଗେଣ୍ଡାଳିଆ ପ୍ରଜାତିର ବୋଲି ବିଭାଗ ପକ୍ଷରୁ ସୂଚନା ମିଳିଛି। ପକ୍ଷୀଟିର ଓଜନ ପ୍ରାୟ ୭ କିଲୋ ଓ ଉଚ୍ଚତା ୩ ଫୁଟରୁ ଅଧିକ ହେବ।

## ପୋଡ଼ିହୋଇ ଗୁରୁତର ମହିଳାଙ୍କ ମୃତ୍ୟୁ

**ତୁରୁମୁଙ୍ଗା/ପାଟଣା,୨୩।୨(ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ଥାନା ଗୁଣ୍ଡୁରିପଶି ଗ୍ରାମରେ ଏକ ମାସ ତଳେ ରୋଷେଇ ସମୟରେ ଦେହ ନିଆଁ ଲାଗି ଗ୍ରାମର ନିର୍ମଳା ମହାପାତ୍ର ଗୁରୁତର ହୋଇଥିଲେ। ଗୁରୁତର ଅବସ୍ଥାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ଚାଲିଥିବା ସମୟରେ ଶୁକ୍ରବାର ସକାଳେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ପାଟଣା ପୁଲିସ ପଞ୍ଚନାମା ଶବ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ପାଟଣା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ଭଉଣୀ ଘର ପୋଡ଼ିଦେଲା ଭାଇ



**ତୁରୁମୁଙ୍ଗା,୨୩।୨(ସମିସ):** କେନ୍ଦୁଝର ଜିଲ୍ଲାର ପାଟଣା ବ୍ଲକ୍ ଅନ୍ତର୍ଗତ ମୂଷାଖୋରି ଗ୍ରାମର ପାତ୍ର ସାହିରେ ଶୁକ୍ରବାର ରାତିରେ ଜମି ବାଡ଼ି ବିବାଦକୁ ନେଇ ଭାଇକୁ ଭଉଣୀ ମାଡ଼ ମାରିବା ପରେ ଉତ୍ତ୍ୟକ୍ତ ହୋଇ ଭଉଣୀ ଘରକୁ ନିଆଁ ଲଗାଇ ଜାଳି ଦେଇଛି ଭାଇ। ସୂଚନା ଅନୁସାରେ ଭଉଣୀ ସୁଭଦ୍ରା ପାତ୍ର ବାର୍ଦ୍ଧ ଦିନରୁ ବାପ ଘର ଜାଗାରେ କୁଡ଼ିଆ ଘର କରି ରହି ଆସୁଥିଲେ। ଜମି ବାଡ଼ି ବିବାଦକୁ ନେଇ ଭାଇ ଭଉଣୀ ମଧ୍ୟରେ ଝଗଡା ହେବା ପରେ ସୁଭଦ୍ରା ଭାଇ ନନ୍ଦା ପାତ୍ରଙ୍କୁ ବାଡେଇ ଥିଲେ। ଏଥିରେ ନନ୍ଦା ଉତ୍ତେକ୍ଷିତ ହୋଇ ଭଉଣୀ କୁଡିଆ ଘରେ ନିଆଁ ଲଗାଇ ଦେଇଥିଲା। ନିଆଁ ଲାଗି କୁଡିଆ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଏନେଇ ସୁଭଦ୍ରା ପାଟଣା ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରିରଖିଛି।

## ଲକ୍ଷ୍ମୀ ବସ୍‌ଷ୍ଟାଣ୍ଡ ଉଦ୍‌ଘାଟିତ




**ତୁରୁମୁଙ୍ଗା,୨୩।୨(ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସାହାରପଡା ବ୍ଲକ ଉଦୟପୁର ଗ୍ରାମ ରେ ନିର୍ମିତ ହୋଇଥିବା ଲକ୍ଷ୍ମୀ ବସଷ୍ଟାଣ୍ଡକୁ ଶୁକ୍ରବାର ପାଟଣା ବିଧାୟକ ତଥା କେନ୍ଦୁଝର ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଜଗନ୍ନାଥ ନାଏକ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ୨୯ ନମ୍ବର ଯୋନ ଜିଲ୍ଲା ପରିଷଦ ସଦସ୍ୟ ବୁଦ୍ଧଦେବ ମହାକୁଡ଼, ସ୍ଥାନୀୟ ସରପଞ୍ଚ ଲଳିତା ନାଏକ, ସମିତି ସଭ୍ୟ ରିନୁ ମୁଣ୍ଡା, ସହକାରୀ ଯନ୍ତ୍ରୀ ତପନ କୁମାର ପଲାଇ, ଯନ୍ତ୍ରୀ ଲୋକନାଥ ନାଏକ, ବିଜେଡି ଜିଲ୍ଲା କୃଷକ ସଭାପତି ଦୀପକ ରାଜ୍ ପୂର୍ବତନ ବ୍ଲକ ଉପାଧକ୍ଷା କିରଣବାଳା ସିଂ ପ୍ରମୁଖ ଉପସ୍ଥିତ ଥିଲେ।ଏହି ଅବସରରେ ଲକ୍ଷ୍ମୀ ବସରେ ବିଧାୟକ ଯାତ୍ରୀ ହୋଇ ସ୍ଥାନୀୟ ଅଞ୍ଚଳ ବୁଲିଥିଲେ।

## ବିପୁଳ ପରିମାଣର କଟା ଗଛ ଜବତ



**ଯୋଡା,୨୩।୨(ସମିସ):** ଖଣି ଅଞ୍ଚଳରେ ସରକାର ସାମାଜିକ ବନିକରଣ ନିମନ୍ତେ କୋଟି କୋଟି ଟଙ୍କା ବ୍ୟୟ ବରାଦ କରୁଥିବା ବେଳେ ପ୍ରଭାବିତ ଖଣିର ଆଖପାଖ ଅଞ୍ଚଳରେ ବୃକ୍ଷରୋପଣ କରିଥାନ୍ତି। ଏହା ସହିତ ବିଭିନ୍ନ ଖଣି ସଂସ୍ଥାମାନେ ସାମାଜିକ ବନିକରଣ ନାମରେ ବ୍ୟାପକ ଅର୍ଥ ବିନିଯୋଗ କରିଥାନ୍ତି। ତେବେ ଗ୍ରାମାଞ୍ଚର କେତେକ ନିରକ୍ଷର ବ୍ୟକ୍ତି ଏହି ବନୀକରଣ ମଧ୍ୟରୁ ବଡ ବଡ ଗଜା ଗଛ ମାନ କାଟି ନେଇ ବ୍ୟାପକ ଜଙ୍ଗଲ ଧ୍ୱଂସ କରିଥାନ୍ତି। ଏହି କାଠକୁ କେତେକ ଘର ତିଆରି, ଜାଳେଣି ଭାବେ ବ୍ୟବହାର କରୁଥିବା ବେଳେ କେତେକ କାଠ ମାଫିଆ ଏହା ବାହାର ରାଜ୍ୟକୁ ଚୋରା ଚାଲାଣ କରିଥାନ୍ତି। ଏହିଭଳି ଏକ ଘଟଣାରେ ଯୋଡା ବନ ବିଭାଗ ଅନ୍ତର୍ଗତ ବୈତରଣୀ ସଂରକ୍ଷୀତ ଜଙ୍ଗଲ ଓ ଖେସରା ଜଙ୍ଗଲର ଖଣ୍ଡବନ୍ଧ ନିକଟରେ ଏକ ଜଙ୍ଗଲ ଭିତରେ ପ୍ରଚୁର ପରିମାଣର ଗଛ କଟାଯାଇ ଚାଲଣ ନିମନ୍ତେ ରଖାଯାଇଥିବା ବେଳେ ବନବିଭାଗ ଅତର୍କିତ ଭାବେ ଚଢଉ କରିଥିଲା। ଫଳରେ ଏହା ବାହାରକୁ ଚାଲାଣ ହେବା ପୂର୍ବରୁ ବନବିଭାଗ ଏହାକୁ ଜବତ କରି ଯୋଡା ବନ କାର୍ଯ୍ୟାଳୟକୁ ନେଇଆସିଥିବା ଜଣାପଡିଛି। ଏହି ଚଢଉରେ ଯୋଡା ଫରେଷ୍ଟର ତ୍ରିନାଥ ଜେନା, ଫରେଷ୍ଟ ଗାର୍ଡ ସୁରଜ କୁମାର ଦାସ ଏବଂ ଅନ୍ୟ ବନ କର୍ମଚାରୀମାନେ ସାମିଲ ହୋଇଥିଲେ।

### ଖଣି ବିଭାଗର ନୂତନ ନିୟମକୁ ନେଇ ଅସନ୍ତୋଷ

# ଉପନିର୍ଦ୍ଦେଶକଙ୍କୁ ଭେଟିଲେ ୩ ଟ୍ରକ୍ ମାଲିକ ସଂଘ

**ଯୋଡା,୨୩।୨(ସମିସ)**



ଯୋଡ଼ା ଖଣି ମଣ୍ଡଳରେ ଟ୍ରକ ଦ୍ୱାରା ହେଉଥିବା ଚୋରା ଖଣିଜ କାରବାରକୁ ରୋକିବା ପାଇଁ ଖଣି ଉପନିର୍ଦ୍ଦେଶାଳୟ ପକ୍ଷରୁ ନୂତନ ନିୟମ ଜାରି କରାଯାଇଛି। ଏହି ନିୟମ ପ୍ରତିବାଦରେ ଯୋଡା ଟ୍ରକ୍ ମାଲିକ ସଂଘ, ଆଞ୍ଚଳିକ ଟ୍ରକ୍ ମାଲିକ ସଂଘ ଓ ମାଇନିଂ ଏରିଆ ଟ୍ରକ୍ ମାଲିକ ସଂଘ ପକ୍ଷରୁ ଶୁକ୍ରବାର ପୂର୍ବାହ୍ନରେ ଯୋଡ଼ା ଖଣି ଉପନିର୍ଦ୍ଦେଶକ ଦିନେଶ ଅଗ୍ରୱାଲଙ୍କୁ ଭେଟି ସବିଶେଷ ଆଲୋଚନା କରିଥିବା ଜଣାପଡିଛି। ଖଣି ବିଭାଗ ପକ୍ଷରୁ ଖଣିଜ ପରିବହନରେ ସ୍ୱଚ୍ଛତା ଆଣିବା ପାଇଁ ଗତ ଜାନୁଆରୀ ମାସ ୨୨ ତାରିଖରେ ଏକ ନୂତନ ଗାଇଡ ଲାଇନ ଜାରି କରାଯାଇଛି। ଉକ୍ତ ଗାଇଡ ଲାଇନ ଅନୁଯାୟୀ ଖଣିରୁ ଖଣିଜ ପରିବହନ ସମୟରେ ଖଣି ବିଭାଗ ପକ୍ଷରୁ ଦିଆଯାଉଥିବା ଟ୍ରାଞ୍ଜିଟ ପାସକୁ ଟ୍ରକ୍ ମାଲିକମାନେ ଚୋରା କାରବାରରେ ବ୍ୟବହାର କରୁଥିବା ବେଳେ ଏହି ଗାଇଡ ଲାଇନ ଦ୍ୱାରା ଏହାକୁ ରୋକାଯାଇପାରିବ ବୋଲି ଜଣାପଡିଛ। ଟ୍ରକ ମାଲିକମାନେ କେତେକ କ୍ଷେତ୍ରରେ ଗୋଟିଏ ଟ୍ରାଞ୍ଜିଟ୍ ପାସକୁ ଏକାଧିକବାର ବ୍ୟବହାର କରି ଚୋରା ଲୁହାପଥର କାରବାର ଚଳାଇଆସୁଥିବା ଖଣି ବିଭାଗ ନଜରକୁ ଆସିଥଲା। ଫଳରେ ଏହି ଅବୈଧ କାରବାର କରୁଥିବା ଟ୍ରକ ମାଲିକ ଖଣି ବିଭାଗ ନଜରକୁ ଆସିଲେ ସମ୍ପୃକ୍ତ ଟ୍ରକ ବିରୋଧରେ ୨ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜରିମାନା କରାଯିବ ବୋଲି ବିଜ୍ଞପ୍ତି ଜାରି କରାଯାଇଛି। ଏ ନେଇ ଟ୍ରକ ମାଲିକମାନଙ୍କ ମଧ୍ୟରେ ଭୟ ସଞ୍ଚାର ହୋଇଛି। ସଂଘ ପକ୍ଷରୁ ଖଣି ଉପନିର୍ଦ୍ଦେଶକଙ୍କୁ ଟ୍ରାଞ୍ଜିଟ ପାସର କୌଣସି ସମସ୍ୟା ଥିଲେ ଏହାକୁ ପୁଙ୍ଖାନୁପୁଙ୍ଖ ତର୍ଜମା କରି ଜୋରିମାନା ଆଦାୟ କରିବା ସହ ଟ୍ରକ ମାଲିକମାନଙ୍କ ପ୍ରତି କୋହଳ ମନୋବୃତ୍ତି ପୋଷଣ କରିବା ପାଇଁ ସଂଘ ପକ୍ଷରୁ ନିବେଦନ କରାଯାଇଛି। ତେବେ ଖଣି ଉପନିର୍ଦ୍ଦେଶକ ଶ୍ରୀ ଅଗ୍ରୱାଲ ଏହି ନିୟମ ଟ୍ରକ ମାଲିକମାନଙ୍କୁ ସଚେତନ କରିବା ପାଇଁ ଉଦ୍ଦିଷ୍ଟ ବୋଲି ସୂଚନା ଦେଇଛନ୍ତି। ଅନ୍ୟ ପକ୍ଷରେ ଯୋଡା ଖଣି ମଣ୍ଡଳରେ ଖଣି ମାଲିକମାନେ ଚଢା ଦରରେ ଖଣି ନିଲାମ ହାତେଇଥିବା ବେଳେ ଏହି କ୍ଷତୀକୁ ଭରଣା କରିବା ପାଇଁ ବିଭିନ୍ନ ଉପାୟରେ ଅବୈଧ କାରବାର କରି ସରକାରଙ୍କ ରାଜସ୍ୱ ଫାଙ୍କୁଥିବା ଅନେକ ଅଭିଯୋଗ ରହିଛି। ନିୟମ ମୁତାବକ ବିଭିନ୍ନ ଖଣିରେ ପରିବହନ ପୂର୍ବରୁ ଲୁହାପଥର ଷ୍ଟ୍ୟାଗ ମାରିବା ସରକାରୀ ପ୍ରାବଧାନ ଥିବା ବେଳେ କେତେକ ଖଣି ମାଲିକ ସିଧାସଳଖ କ୍ରସରରୁ ଲୁହାପଥର ବୋଝେଇ କରି ବାହାରକୁ ପରିବହନ କରିଆସୁଛନ୍ତି। ଏହା ସହିତ ଖଣିଜ ପରିମାଣ ଓ ମାନ ନିର୍ଦ୍ଧାରଣରେ ମଧ୍ୟ ଜାଲିଆତି କରାଯାଉଛି। ଫଳରେ ଧରାପଡିଲେ ଏହାର ପରିଣାମ ଟ୍ରକ ମାଲିକଙ୍କୁ ଭୋଗିବାକୁ ପଡୁଛି। ସେମାନଙ୍କ ଠାରୁ ମୋଟା ଅଙ୍କର ଜୋରିମାନା ଖଣି ବିଭାଗ ପକ୍ଷରୁ ଆଦାୟ କରାଯାଉଥିବା ବେଳେ ଚଞ୍ଚକତା ପୂର୍ବକ ଖଣି ମାଲିକମାନେ ନିର୍ଦ୍ଦୋଶରେ ଏଥିରୁ ଖସିଯାଉଛନ୍ତି। ଏହି ଆଲୋଚନାରେ ଟ୍ରକ ମାଲିକ ସଂଘର ସଭାପତି ମାତା ପ୍ରସାଦ ଜୟସ୍ୱାଲ, ସମ୍ପାଦକ ସୁଶାନ୍ତ କୁମାର ବାରିକ, କୋଷାଧ୍ୟକ୍ଷ ରାଜେଶ ରୋଷନ, ଅଶୋକ କାରୁଆ, ଆଞ୍ଚଳିକ ଟ୍ରକ ମାଲିକ ସଂଘ ପକ୍ଷରୁ ଉପସଭାପତି ଅର୍ଜୁନ ମୁଣ୍ଡା, ସମ୍ପାଦକ ରାଜେନ୍ଦ୍ର ବାରିକ, ଗୋବିନ୍ଦ ଖିଲାର, ମନବୋଧ ବେହେରା ଓ ମାଇନିଙ୍ଗ ଏରିଆ ଟ୍ରକ ମାଲିକ ସଂଘର ସହସମ୍ପାଦକ ଅଜୟ ସିହ୍ନାଙ୍କ ସମେତ ଅନେକ ଟ୍ରକ ମାଲିକ ଏଥିରେ ଉପସ୍ଥିତ ରହିଥିଲେ।

### ମିଶନ ଶକ୍ତି ଗାଡ଼ି ଟେଣ୍ଡରରେ ଫିକ୍ସିଂ

## ବିଡିଓ ଓ ଶିଶୁ ବିକାଶ ଅଧିକାରୀଙ୍କୁ ଫେରାଦ

**ଆନନ୍ଦପୁର,୨୩।୨(ସମିସ):** ମିଶନ ଶକ୍ତି ପରିଚାଳନା ଦାୟିତ୍ୱରେ ଥିବା ବିପିସି ସରକାରୀ ନୀତି ନିୟମକୁ ଭ୍ରୁକ୍ଷେପ ନକରି ଅନେକ ବେଆଇନ କାର୍ଯ୍ୟ କରିବା ଘଟଣା ସମ୍ପର୍କରେ ମିଶନ ଶକ୍ତି ଜିଲ୍ଲା ସଂଯୋଜକଙ୍କ ଦୃଷ୍ଟିଆକର୍ଷଣ କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଉନଥିବାରୁ ମହିଳା ଗୋଷ୍ଠୀଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଛି।

ଘସିପୁରା ବ୍ଲକ ମିଶନ ଶକ୍ତିର ବିଭିନ୍ନ କାର୍ଯ୍ୟକ୍ରମକୁ ପରିଚାଳନା କରିବା ପାଇଁ ଏକ ୪ ଚକିଆ ଗାଡିର ଆବଶ୍ୟକତା ପଡିବାରୁ ଗତ ଜାନୁଆରୀ ମାସ ୧୬ ତାରିଖରେ ଟେଣ୍ଡର ଆହ୍ୱାନ କରାଯାଇଥିଲା। ୨୩ ତାରିଖ ସୁଧା କୌଣସି ବ୍ୟକ୍ତି ଟେଣ୍ଡରରେ ଅଂଶ ଗ୍ରହଣ ନକରିବାରୁ ଚଳିତ ମାସ ୬ ତାରିଖରେ ଦ୍ୱିତୀୟ ଥର ପାଇଁ ଟେଣ୍ଡର ଆହ୍ୱାନ କରାଯାଇଥିଲା। ୧୨ ତାରିଖ ଅପରାହ୍ନ ୫ଟା ୩୦ ମିନିଟ ସୁଧା କଳ୍ପନା ବିଶ୍ୱାଳଙ୍କର ଗୋଟିଏ ମାତ୍ର ଟେଣ୍ଡର ଡାକ ଯୋଗେ ମିଳିଥିଲା। ତେବେ ଅବଧି ଶେଷ ସୁଧା ଗୋଟିଏ ଟେଣ୍ଡର ମିଳିଥିବା ବେଳେ ପରବର୍ତ୍ତୀ ସମୟରେ ଅନ୍ୟ ଏକ ଟେଣ୍ଡରକୁ ନିୟମ ଉଲ୍ଲଙ୍ଘନ କରି ଗ୍ରହଣ କରାଯାଇଥିବାରୁ ଏନେଇ ବିପିସିଙ୍କ କାର୍ଯ୍ୟକଳାପ ପ୍ରତି ସନ୍ଦେହ ପ୍ରକଟ ହୋଇଥିଲା। ଏପରି ବେଆଇନ କାର୍ଯ୍ୟ ଓ ଟେଣ୍ଡର ଫିକ୍ସିଂ ସମ୍ପର୍କରେ ବିପିସିଙ୍କଠାରେ ପ୍ରତିବାଦ କରିବା ସହିତ ମିଶନ ଶକ୍ତିର କର୍ମକର୍ତ୍ତାମାନେ ବିଡିଓ ଓ ଶିଶୁ ବିକାଶ ଅଧିକାରୀଙ୍କଠାରେ ଲିଖିତ ଅଭିଯୋଗ କରିବା ଘଟଣା ବିପିସିଙ୍କ କାର୍ଯ୍ୟକଳାପ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଛି। ମିଶନ ଶକ୍ତିର ମହିଳାମାନେ ଏନେଇ ଜିଲ୍ଲା ମିଶନ ଶକ୍ତି, ପ୍ରକଳ୍ପ ସଂଯୋଜକଙ୍କ ଦୃଷ୍ଟି ଆକର୍ଷଣ କରି ଏହାର ତଦନ୍ତ କରିବାକୁ ଦାବି କରିଥିବା ଜଣାଯାଇଛି।

### ପରୀକ୍ଷା ପରିଚାଳନା ଅନିୟମିତତା ଧରିଲା ଏଆଇ କ୍ୟାମେରା

## ସୁପରିଣ୍ଟେଣ୍ଡେଣ୍ଟ ଦାୟିତ୍ୱରୁ ହଟିଲେ ଶିକ୍ଷୟିତ୍ରୀ

**ତୁରୁମୁଙ୍ଗା,୨୩।୨(ସମିସ):** କେନ୍ଦୁଝର ଜିଲ୍ଲା ସାହାରପଡ଼ା ହାଇସ୍କୁଲର ପରୀକ୍ଷା କେନ୍ଦ୍ରର ସୁପରିଣ୍ଟେଣ୍ଡଣ୍ଟଙ୍କୁ ଦାୟୀତ୍ୱରୁ ହଟାଇ ତାଙ୍କ ବଦଳରେ ନୂତନ ସୁପରିଣ୍ଟେଣ୍ଡଣ୍ଟଙ୍କୁ ଦାୟୀତ୍ୱ ଦିଆଯାଇଛି। ପୂର୍ବରୁ ସୁପରିଣ୍ଟେଣ୍ଡଣ୍ଟ ଦାୟୀତ୍ୱରେ ଥିବା ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ସାହୁଙ୍କୁ ବଦଳାଇ ତାଙ୍କ ସ୍ଥାନରେ ରାଇଡିହା ଆଦିବାସୀ ଆବାସିକ ହାଇସ୍କୁଲ ଶିକ୍ଷକ ସୁରେନ୍ଦ୍ର ନାଥ ନାଏକଙ୍କୁ ଜିଲ୍ଲା ଶିକ୍ଷାଧିକାରୀ ଗୌରୀରାଣୀ ନାଏକ ନିଯୁକ୍ତ ଦେଇଛନ୍ତି। ଏ ନେଇ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀମତୀ ନାୟକଙ୍କୁ ପଚାରିବାରୁ ଉକ୍ତ ପରୀକ୍ଷା କେନ୍ଦ୍ରରେ କପି ଚାଲୁଥିବା ବୋର୍ଡ ଜାଣିବା ପରେ ବୋର୍ଡ ନିର୍ଦ୍ଦେଶ ଏଭଳି ପଦକ୍ଷେପ ନିଆଯାଇଛି। ସୂଚନା ଯେ ମଙ୍ଗଳବାର ସାହାରପଡ଼ା କେନ୍ଦ୍ରରେ ମାତୃଭାଷା ଓଡ଼ିଆ ପରୀକ୍ଷା ଚାଲୁଥିବା ବେଳେ ବୋର୍ଡ କର୍ତ୍ତୃପକ୍ଷ ଏଆଇ କ୍ୟାମେରାରୁ ଦେଖି ଜିଲା ଶିକ୍ଷାଧିକାରୀଙ୍କୁ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ସୂଚନା ଯେ ସାହାରପଡ଼ା ବ୍ଲକ୍‌ରେ ୯ଟି ପରୀକ୍ଷା କେନ୍ଦ୍ର ମଧ୍ୟରୁ ୨ଟିରେ କ୍ୟାମେରା ଲାଗିଥିବା ବେଳେ ପାଟଣା ବ୍ଲକରେ ୧୧ଟି ପରୀକ୍ଷା କେନ୍ଦ୍ର ମଧ୍ୟରୁ ୨ଟି କେନ୍ଦ୍ରରେ କ୍ୟାମେରା ଲାଗିଛି। ଅଳ୍ପ କେତେକ କେନ୍ଦ୍ରରେ କ୍ୟାମେରା ଲାଗିଥିବାରୁ ସେଠାରେ ପରୀକ୍ଷା କଡ଼ାକଡି ହେଉଥିବା ବେଳେ କ୍ୟାମେରା ଲାଗିନଥିବା ଅନ୍ୟ କେନ୍ଦ୍ର ଗୁଡ଼ିକରେ ପରୀକ୍ଷା କୋହଳ ଚାଲୁଥିବା ଅଭିଭାବକ ଅଭିଯୋଗ କରିଛନ୍ତି।

## ବ୍ରାହ୍ମଣ ମହାସମାବେଶରେ ଯୋଗଦେବେ ସର୍ବଭାରତୀୟ ସଭାପତି

**ଆନନ୍ଦପୁର, ୨୩।୨(ସମିସ):** ଆନନ୍ଦପୁର ଉପଖଣ୍ଡସ୍ତରୀୟ ବ୍ରାହ୍ମଣ ସମାଜ ମହାସଭାର ମହାସମାବେଶରେ ସର୍ବଭାରତୀୟ ସଭାପତି ଡ. ବିପିନି ବିହାରୀ ମିଶ୍ର ଓ ଓଡିଶା ପ୍ରଦେଶ ସଭାପତି ସଦାନନ୍ଦ ଦିକ୍ଷୀତଙ୍କ ସମେତ ରାଜ୍ୟସ୍ତରୀୟ କର୍ମକର୍ତ୍ତାମାନେ ଯୋଗ ଦେବେ ବୋଲି ଆନନ୍ଦପୁର ବ୍ରାହ୍ମଣ ସମାଜ ମହାସଂଘ ପକ୍ଷରୁ ସୂଚନା ମିଳିଛି। ସ୍ଥାନୀୟ ଟୁକୁଣା ଶାସନ ଠାରେ ଆସନ୍ତା ୨୫ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଏହି ସମାବେଶରେ ବିଭିନ୍ନ ଜିଲ୍ଲାର ସଭାପତି, ସମ୍ପାଦକଙ୍କ ସମେତ ରାଜ୍ୟର ବିଭିନ୍ନ ସ୍ଥାନରୁ କର୍ମକାଣ୍ଡ ଓ ବୈଦିକ ବ୍ରାହ୍ମଣ ଗୋସେଇଁ ମାନେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଥିବା ବେଳେ ଆନନ୍ଦପୁର ଉପଖଣ୍ଡର ସମସ୍ତ ଶାସନର ଗ୍ରାମୀନ ଓ କର୍ମକର୍ତ୍ତାମାନେ ଯୋଗ ଦେବେ ବୋଲି ଜଣାଯାଇଛି। ଏହି ବୈଠକରେ ଆନନ୍ଦପୁର ବଳଭଦ୍ରପୁର, ଲକ୍ଷ୍ମୀନାରାୟଣପୁର, ଶ୍ରୀ ଦଧିବାମନଜିଉ ଶାସନ, ଶାଳପଡା, ଟୁକୁଣା, ଭୋଳନୂଆଗାଁ, ପଦମପୁର, ଜନାର୍ଦ୍ଦନପୁର, ଝାଡକୁଣ୍ଡି, କେଶଦୁରାପାଳ, ଦେଓଗାଁ, ତରତରା, ଖମାରନଣ୍ଡି, ତୋରାଣିଆପାଳ, ଫକୀରପୁର, ଡୁଡୁଗାଁ, ପୁସ୍କୁରା, ବିରଗୋବିନ୍ଦପୁର, ଶୈଲଙ୍ଗ ଶାସନର କର୍ମକର୍ତ୍ତାମାନେ ଯୋଗ ଦେବାକୁ ସଦୟ ସ୍ୱୀକୃତି ପ୍ରଦାନ କରିଥିବା ଜଣାଯାଇଛି।

## ରୋଟାରୀ ପ୍ରତିଷ୍ଠା ଦିବସ ପାଳିତ

**ଯୋଡା,୨୩।୨(ସମିସ):** ଶୁକ୍ରବାର ପୂର୍ବାହ୍ନରେ ଯୋଡ଼ା ରୋଟାରୀ କ୍ଲବ୍ ପକ୍ଷରୁ ୧୧୯ତମ ରୋଟାରୀ ପ୍ରତିଷ୍ଠା ଦିବସ ଯୋଡ଼ା ସ୍ଥିତ ବୃଦ୍ଧାଶ୍ରମରେ ପାଳିତ ହୋଇଯାଇଛି। ପରିଣତ ବୟସରେ ବୃଦ୍ଧାଶ୍ରମରେ ରହୁଥିବା ଅନ୍ତେବାସୀଙ୍କ ଗହଣରେ କେକ୍ କାଟି ଏହି ଉତ୍ସବ ପାଳନ କରାଯାଇଛି।



୧୯୦୫ ମସିହା ଫେବୃଆରୀ ୨୩ ତାରିଖ ଦିନ ପଲ୍ ହାରିସ ଓ ତାଙ୍କର ତିନିଜଣ ସାଥି ଉପସ୍ଥିତି ରହି ଏହି ଅନୁଷ୍ଠାନଟି ଗଠନ କରିଥିଲେ। ଏହି ପ୍ରତିଷ୍ଠା ଦିବସ ଉପଲକ୍ଷେ ଯୋଡା ବୃଦ୍ଧାଶ୍ରମର ଅନ୍ତେବାସୀ ମାନଙ୍କ ମଧ୍ୟରେ ରୋଟାରୀ କ୍ଲବ ଯୋଡ଼ା ତରଫରୁ ଫଳ ଓ ମିଷ୍ଟାନ୍ନ ବଣ୍ଟନ କାର୍ଯ୍ୟକ୍ରମ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ରୋଟାରୀ କ୍ଲବ ଯୋଡ଼ାର ସଭାପତି ସ୍ନିଗ୍ଧା କର, ରୋଟାରୀୟାନ ରାଜଶ୍ରୀ ମହାନ୍ତି, ବିଦ୍ୟାଧର ସାହୁ, ପ୍ରକାଶ ମହାନ୍ତି, ସାରଦା ପ୍ରସାଦ ଆଚାର୍ଯ୍ୟ, ବିକାଶ ରଞ୍ଜନ ମହାନ୍ତି, ସିଦ୍ଧାର୍ଥ କର, ଜିତେନ୍ଦ୍ର କୁମାର ବୈଦ୍ୟ, ସୁମନ ଭଟ୍ଟାଚାର୍ଯ୍ୟ ଓ ରାକେଶ ସିଂଘାଣିଆ ପ୍ରମୁଖ ଉପସ୍ଥିତି ଥିଲେ।

## ଶଙ୍ଖ, ଘଣ୍ଟ, ହୁଳହୁଳିରେ କମ୍ପି ଉଠୁଛି ଶ୍ରୀବେଲ କ୍ଷେତ୍ର




**ବେଲବାହାଲି,୨୩।୨(ସମିସ):** ଆନନ୍ଦପୁର ବ୍ଲକ ଅନ୍ତର୍ଗତ ବେଲବାହାଲି ଗ୍ରାମର ଶ୍ରୀବେଲକ୍ଷେତ୍ର ଠାରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କର ପ୍ରଥମ ବାର୍ଷିକ ମହୋତ୍ସବ ଆଜି ଦ୍ୱିତୀୟ ଦିନରେ ପାଳନ ହୋଇଛି। ଜଗନ୍ନାଥ ମନ୍ଦିରର ସଭାପତି ସାରଙ୍ଗ ଧର ସାହୁ, ସମ୍ପାଦକ ପଞ୍ଚାନନ ସାହୁଙ୍କ ତତ୍ତ୍ୱାବଧାନରେ ଉକ୍ତ କାର୍ଯ୍ୟକ୍ରମ ୪ ଦିନ ଧରି ପାଳିତ ହେବାକୁ ଥିବା ଏହି ଭବ୍ୟ ଉତ୍ସବରେ ମନ୍ଦିରର ପୂଜକ କ୍ଷୀରୋଦ କୁମାର ଦୀକ୍ଷିତଙ୍କ ଆଜି ଦ୍ୱିତୀୟ ଦିନରେ ବେଦପାଠ, ସୂର୍ଯ୍ୟପୂଜା, ଶାଳାପୂଜା, ସମସ୍ତ ମଣ୍ଡଳ ପୂଜା,୧୦୦୮ ବିଷ୍ଣୁମନ୍ତ୍ର ଆହୁତି, ସନ୍ଧ୍ୟା ଆଳତୀ, ପୁଷ୍ପାଞ୍ଜଳୀ ଆରମ୍ଭ ହୋଇଛି। ଦ୍ୱିତୀୟ ସନ୍ଧ୍ୟାରେ କଥାକର ତିଲନ କୁମାର ଓ ବୀଣାପାଣି କଳାନିକେତନ ଦ୍ୱାରା ନୃତ୍ୟ ଓ ଭଜନ କାର୍ଯ୍ୟକ୍ରମ ଶ୍ରଦ୍ଧାଳୁଙ୍କ ମନ ମୋହିଥିଲା। କାର୍ଯ୍ୟକ୍ରମରେ କମିଟିର ସଦସ୍ୟ ଅରୁଣ ସାହୁ, ନାରାୟଣ ସାହୁ, ବାବୁଲି ସାହୁ, ଗଣେଶ ସାହୁ, ତପନ ସାହୁ, ପ୍ରକାଶ ସାହୁ, ରାଜେନ୍ଦ୍ର ସାହୁ, ଈଶ୍ୱର ସାହୁ, ବିଜୟାନନ୍ଦ ସାହୁ, ତାପସ ସାହୁ, ଦିପୁ ସାହୁ, ବାବାଜି ଗୁରୀଆ, ସୁଦାମ ଚରଣ ସାହୁ, ସୌମ୍ୟ ରଞ୍ଜନ ନାହକ, ମହେନ୍ଦ୍ର କୁମାର ସାହୁ, ରାଜା ପୁଷ୍ଟି, ସ୍ୱାଧୀନ ସାହୁ, ଲୋକନାଥ ସାହୁ,ଭରତ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ଲୋକାର୍ପିତ ହେଲା ଆନନ୍ଦପୁର ଓ ଚମ୍ପୁଆ ଇନ୍‌ଡୋର ଷ୍ଟାଡିୟମ୍




**ଆନନ୍ଦପୁର,୨୩।୨(ସମିସ)**

ଆନନ୍ଦପୁରଠାରେ ନୂଆ କରି ନିର୍ମାଣ ହୋଇଥିବା ବିଜୁ ପଟ୍ଟନାୟକ ବହୁମୁଖୀ ଇନଡୋର ଷ୍ଟାଡିୟମ ଆଜି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଲୋକାର୍ପିତ ହୋଇଛି। ଆନନ୍ଦପୁର ଷ୍ଟାଡିୟମ ପରିସରରେ ପ୍ରାୟ ୧୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ଇନଡୋର ଷ୍ଟାଡିୟମ ଆଜି ଆଭାସୀ ଜରିଆରେ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ଆନନ୍ଦପୁର ପୂର୍ତ୍ତ ଓ ଗୃହ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଉତ୍ସବରେ ଆନନ୍ଦପୁର ବିଧାୟକ ଭାଗୀରଥି ସେଠୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନୀତ ଅତିଥି ଭାବେ ପୌର ଅଧ୍ୟକ୍ଷା ରଜନୀରାଣୀ ଖଟୁଆ, ଉପାଧ୍ୟକ୍ଷ ଦୁର୍ଗାଚରଣ ଦଳେଇ, କାଉନସିଲର କୃଷ୍ଣଚନ୍ଦ୍ର ରଣା, ମଣିଲତା ରାମ, ରଶ୍ମିତା ବାରି, ସୁରେନ୍ଦ୍ର କୁମାର ଦାସ, ସନତ କୁମାର କର, ନିବେଦିତା ବେହେରା, ସୁପ୍ରିୟା ମିଶ୍ର, ସମ୍ବିତ ଦାସ, ଉର୍ବଶୀ ସାହୁ, ଲିନାରାଣୀ ସାହୁ ଯୋଗ ଦେଇଥିଲେ। ଜିଲା କ୍ରୀଡା ଓ ଯୁବ ସେବା ଅଧିକାରୀ ଜିତେନ୍ଦ୍ର ମହାକୁଡ, ଫେସିଲେଟ୍ ମ୍ୟାନେଜର ସପନ କୁମାର ସ୍ୱାଇଁ, ବ୍ୟାଡମିଟନ ଟ୍ରେନର ରାଜେଶ କୁମାର ସାହୁ, ଜିମ୍ ଟ୍ରେନର ରୋସନ ମୁଖୀ, କନିଷ୍ଠ ଯନ୍ତ୍ରୀ ଇ. ଦୀପୁ ବେହେରା, ଗୌର ପ୍ରସାଦ ସେଠୀ ପୂର୍ତ୍ତ ବିଭାଗ କର୍ମଚାରୀ ସରୋଜ କୁମାର ମହାନ୍ତି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

**ଚମ୍ପୁଆ:** ଚମ୍ପୁଆ ମହତାବ ଉଚ୍ଚ ବିଦ୍ୟାଳୟ ଖେଳପଡିଆ ନିକଟରେ ଚମ୍ପୁଆ ଇନ୍‌ଡୋର ଷ୍ଟାଡିୟମକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସୀ ମାଧ୍ୟମରେ ଉଦ୍‌ଘାଟନ କରିଛନ୍ତି। ଏହି ଉଦ୍‌ଘାଟନ ସମାରୋହରେ ମୁଖ୍ୟମନ୍ତ୍ରୀଙ୍କ ସହିତ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିୟାନ, କ୍ରୀଡାମନ୍ତ୍ରୀ ତୁଷାରକାନ୍ତି ବେହେରା ଉପସ୍ଥିତ ଥିଲେ। ଚମ୍ପୁଆଠାରେ ଏକ ଭବ୍ୟ ସଭାରେ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷ ଗିରିଜା ଶଙ୍କର ସାହୁ (ଟିଟୁ), ଉପାଧ୍ୟକ୍ଷା ସୁମିତ୍ରା ବେହେରା, କାଉନସିଲର ଛତ୍ରପତି ନାଏକ, ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗ ସହକାରୀ ଯନ୍ତ୍ରୀ ବୁଦ୍ଧିଆ ମାରାଣ୍ଡି, କାଉନସିଲର ସାଗରିକା ନାଏକ, ସବିତା ଗାଗରାଇ, ରମାକାନ୍ତ ଦେହୁରୀ, ସତ୍ୟଜିତ ନାଏକ, ରଶ୍ମିରେଖା ତପନୋ ଆଦି ବହୁ ପଦାଧିକାରୀ ଉପସ୍ଥିତ ଥିଲେ। ଏହି ଷ୍ଟାଡିୟମରେ ବ୍ୟାଡମିଣ୍ଟନ, ଟେବୁଲ ଟେନିସ ତଥା ଅତ୍ୟାଧୁନିକ ଜିମ ବ୍ୟବସ୍ଥା ଆଦି ରହିଛି। ଏଥିରେ ବିଦ୍ୟାଳୟ ଛାତ୍ରଛାତ୍ରୀ ସହିତ ସର୍ବସାଧାରଣ ଏହାର ସୁଯୋଗ ନେଇ ପାରିବେ ବୋଲି ସୂଚନା ଦିଆଯାଇଛି। ଆଜି ଆଭାସୀ ମାଧ୍ୟମରେ ଓଡିଶାର ବିଭିନ୍ନ ସ୍ଥାନରେ ଫୁଟବଲ, ହକି ସହିତ ବିଭିନ୍ନ ଇଣ୍ଡୋର ଓ ଆଉଟଡୋର କ୍ରୀଡାର ଭିତ୍ତିଭୂମି ବିକାଶ ନିମନ୍ତେ ଜନସାଧାରଣଙ୍କ ପାଇଁ ଉତ୍ସର୍ଗ କରିଥିବା ଜଣାପଡିଛି।



## 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ



**ତୁରୁମୁଙ୍ଗା, ୨୩।୨ (ସମିସ):** ପାଟଣା ବ୍ଲକ କଣ୍ଟିଆପଡା ଓ ତୁରୁମୁଙ୍ଗା ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। କଣ୍ଟିଆପଡା ପଞ୍ଚାୟତରେ ସରପଞ୍ଚ ଲିନା ନାୟକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ପାଟଣା ବିଧାୟକ ଜଗନ୍ନାଥ ନାଏକ ଯୋଗଦେଇଥିଲେ। ମୁଖ୍ୟ ବକ୍ତା ଭାବରେ ସମାଜସେବୀ ମିତ୍ରଭାନୁ ମହାନ୍ତ, ସମ୍ମାନିତ ଅତିଥି ଭାବରେ ବ୍ଲକ ଅଧ୍ୟକ୍ଷା ସୁକାନ୍ତି ନାଏକ, ଜିଲ୍ଲା ପରିଷଦ ସଦସ୍ୟ ପ୍ରଫୁଲ୍ଲ ନାଏକ, ରୁନୁ ମହାନ୍ତ, ସୌଭାଗ୍ୟ ମଞ୍ଜରୀ ନାୟକ, ସମିତିସଭ୍ୟ ସଞ୍ଜୁଲତା ମହାନ୍ତ, ମୂଷାଖରୀ ସରପଞ୍ଚ ଭାମାମଣି ଦାସ, ବିଜୁ ଜନତା ଦଳର ଉତ୍ତର ଓଡିଶା ଯୋନର ସାଧାରଣ ସମ୍ପାଦକ ଦୀପକ ମଣ୍ଡଳ, ବଡ଼ପାଟଣା ସରପଞ୍ଚ ବିନତି ବାନାରା, ଚକୁଣ୍ଡାପାଳ ସରପଞ୍ଚ ରକ୍ଷାମଣି ନାଏକ, କେନ୍ଦେଇପଶି ସରପଞ୍ଚ ମିନାକ୍ଷୀ ନାଏକ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଶୋଭାଶ୍ରୀ ସେଠୀ, ଯନ୍ତ୍ରୀ ମୋନାଲିସା ଚକ୍ର, ଗ୍ରାମ ରୋଜଗାର ସେବକ ନଟବର ମହାନ୍ତ ପ୍ରମୁଖ ଯୋଗଦେଇଥିଲେ। ସେହିପରି ତୁରୁମୁଙ୍ଗା ପଞ୍ଚାୟତରେ ସରପଞ୍ଚ ସୁଲେଖା ନାଏକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ପାଟଣା ବ୍ଲକ ଅଧ୍ୟକ୍ଷା ସୁକାନ୍ତି ନାଏକ, ସମିତିସଭ୍ୟ ଅସୁମତି ସାହୁ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲ୍ଲୀପ ବେହେରା, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଅଭୟ କୁମାର ଦେହୁରୀ ଗ୍ରାମ ରୋଜଗାର ସେବକ ସତ୍ୟ ନାରାୟଣ ସାହୁ, ଯୋଗାଣ ସହାୟକ ସତ୍ୟାନନ୍ଦ ବେହେରା ସମାଜ ସେବୀ ବଳଭଦ୍ର ନାଏକ ଯୋଗ ଦେଇଥିଲେ। କଣ୍ଟିଆପଡାରେ ୧୫ ଜଣ ଏବଂ ତୁରୁମୁଙ୍ଗା ପଞ୍ଚାୟତରେ ୭ ଜଣଙ୍କୁ ନୂତନ ଅଧିକାରୀଙ୍କୁ ବିଧାୟକ ଭତ୍ତା ଟଙ୍କା ବଣ୍ଟନ କରିଥିଲେ।

